# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୦ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦




'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ ପୃଷ୍ଠା ୨

## ମା' ଓ ଦୁଇ ଝିଅଙ୍କୁ ହତ୍ୟା

**ଘର ଭିତରୁ ମୃତଦେହ ଉଦ୍ଧାର**

■ **ବ୍ରଜରାଜନଗର, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏକ ଘର ଭିତରୁ ମା' ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩)। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ

▶ ସ୍ୱାମୀ ଫେରାର୍

▶ ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ।

ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ୍ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ଫାଟକପଡ଼ାରେ ରହୁଥିଲେ। ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ। ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ। ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ ▶ପୃଷ୍ଠା-୧୦

## ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଆର୍ଥିକ ବିଶେଷଜ୍ଞମାନଙ୍କ ଆଶଙ୍କା ଯେ, ଏଭରଗ୍ରାଣ୍ଡ ସଙ୍କଟ ୨୦୦୮ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ।

ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍।

# ବଲାଙ୍ଗିରରେ ବିକାଶର ସୂର୍ଯ୍ୟୋଦୟ

- ସ୍ମାର୍ଟ ହେଲ୍‌ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍‌ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର

■ **ଭୁବନେଶ୍ୱର, ୨୨।୯ (ସମିସ):** ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼। ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟନ କରିଛନ୍ତି। ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ। ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ▶ପୃଷ୍ଠା-୧୦






### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

**ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

■ **ବଲାଙ୍ଗିର, ୨୨।୯ (ସମିସ):** କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ। ରାଜ୍ୟବାସୀଙ୍କ ହିତ ଲାଗି ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲାଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ▶ପୃଷ୍ଠା-୧୦

■ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

## କରୋନା ମୃତକଙ୍କ ପରିବାରକୁ ମିଳିବ ୫୦ ହଜାର ଟଙ୍କା

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସଡିଆରଏଫ) ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ। ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି। ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି। ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି। ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ। ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ। କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ। କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ। ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ।

ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା। କାରଣ ବିପର୍ଯ୍ୟୟ ପ୍ରଶମନ ଆଇନରେ କେବଳ ଭୂକମ୍ପ, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନୁକମ୍ପାମୂଳକ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ରୋଗରେ ମୃତ୍ୟୁ ଯୋଗୁଁ କ୍ଷତିପୂରଣ ଦିଆଗଲେ ଏବଂ ଅନ୍ୟ କ୍ଷେତ୍ରରେ ଏହା ଦିଆ ନଗଲେ ଭୁଲ ହେବ ବୋଲି କେନ୍ଦ୍ର କହିଥିଲା।


**ଭିତର ପୃଷ୍ଠାରେ...**

ବୁଥ୍‌ରେ ନୁହେଁ; ବ୍ଲକ୍‌ରେ ଗଣତି







**ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି**

## କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ

■ **କଟକ, ୨୨।୯ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ। ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ

**ଖୋର୍ଦ୍ଧାରେ ମଧ୍ୟ ଚଢ଼ଉ**



ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି। ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିର ଦୁଇଟି ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ।

**ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ**

## ୨୪ରେ ସୃଷ୍ଟିହେବ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର,୨୨।୯ (ସମିସ)**

- ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଜଳକା
- ସତର୍କ ସଙ୍କେତ ଡେଇଁଲା ବୈତରଣୀ-ସୁବର୍ଣ୍ଣରେଖା
- ବସ୍ତା, ଜଳେଶ୍ୱର ବ୍ଲକର ବହୁ ଗାଁରେ ପଶିଲା ପାଣି
- ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା
- ମ୍ୟାଁମାର ଉପକୂଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବିଶେଷ କରି ଜଳକା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳରେ ପାଣି ମାଡ଼ିବାରେ ଲାଗିଛି। ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୫.୫୦ ମିଟର ରହିଥିବା ବେଳେ ବର୍ତ୍ତମାନ ଏହା ୭ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଜଳେଶ୍ୱର ଓ ବସ୍ତା ବ୍ଲକର ବହୁ ଗାଁ ଜଳମଗ୍ନ ହୋଇଛି। ସେହିପରି ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି। ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ମଧ୍ୟ ରାଜଘାଟଠାରେ ସତର୍କ ସଙ୍କେତ ପାର୍ କରିସାରିଛି। ଏବେ ନଦୀରେ ଜଳସ୍ତର ବଢ଼ୁଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅଛନ୍ତି। ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ। ▶ପୃଷ୍ଠା-୧୦

**ଲୋକକଥା**



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଲବଲ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

## ରଣକ୍ଷେତ୍ର ପାଲଟିଲା ଜନଶୁଣାଣି ସ୍ଥଳ

■ **ସେମିଳିଗୁଡା, ୨୨।୯ (ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ କଙ୍କଡ଼ାଆମ୍ବ ନିକଟରେ ଥିବା ମାଳି ପର୍ବତ ବକ୍ସାଇଟ୍ ଖନନର ପରିବେଶ ପ୍ରଦୂଷଣ ନେଇ ଜଣଶୁଣାଣି ଆୟୋଜନ ହୋଇଥିବା ବେଳେ ବିପକ୍ଷବାଦୀମାନେ ଏହାକୁ ତୀବ୍ର ବିରୋଧ କରି ଚେୟାର, ଟେବୁଲ୍ ଫିଙ୍ଗିବା ସହିତ ଜନଶୁଣାଣି ସ୍ଥଳକୁ ମାରଣାସ୍ତ୍ର ଧରି ପଶିବା ଯୋଗୁଁ ଜନଶୁଣାଣି ଫେଲ୍ ମାରିଛି। ଉକ୍ତ ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସୂଚନା ଅନୁଯାୟୀ ମାଳି ପର୍ବତ ବକ୍ସାଇଟ୍ ଖନନ ଲିଜ୍ ହିଣ୍ଡାଲ୍‌କୋ ନେଇଥିବା ବେଳେ ▶ପୃଷ୍ଠା-୧୦

- ବିପକ୍ଷବାଦୀଙ୍କ ଦ୍ୱାରା ବ୍ୟାପକ ଭଙ୍ଗାରୁଜା
- ଅଧିକାରୀଙ୍କୁ ଠେଲାପେଲା
- ଫେଲ୍ ମାରିଲା ଜନଶୁଣାଣି





## ବନ୍ଧୁକ ତିଆରି ଅଭିଯୋଗରେ ୨ ଗିରଫ

■ **ସମ୍ବଲପୁର, ୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ ବାସୁପାଲି ଗ୍ରାମର ଖମାରପଡ଼ାରୁ ବୁଧବାର ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି। ଏହି ଘଟଣାରେ ଗାଁର ତରଣୀ ପ୍ରଧାନଙ୍କ ସ୍ତ୍ରୀ ଜନନୀ ପ୍ରଧାନ (୪୨) ଓ ସହଯୋଗୀ କୁମର ପ୍ରଧାନ (୪୫)ଙ୍କୁ ଗିରଫ କରିଛି। ୬ଟି ଷ୍ଟିଲ ବ୍ୟାରେଲ, କାଠ ଫ୍ରେମ, କାଠ ପଟା, ଭାଇସ, ଲୁହା କାଟିବା ଆରିପାତି, କରତ, ଅନ୍ୟାନ୍ୟ ଯନ୍ତ୍ରାଂଶ ଆଦି ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ତରଣୀ ଫେରାର ଅଛି। ଏ ନେଇ ଥାନାରେ ୧୨୮/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି କାରଖାନା ତରଣୀଙ୍କ ଘରେ ଚାଲୁଥିଲା। ୪ ବର୍ଷ ହେବ ଏମାନେ ବନ୍ଧୁକ ତିଆରି କରୁଥିଲେ। ସମ୍ବଲପୁର ବିଭିନ୍ନ କବାଡିଖାନାରୁ ଲୁହା ପାଇପ୍ ନେଇ ଏମାନେ ବନ୍ଧୁକ ତିଆରି କରୁଥିଲେ। ▶ପୃଷ୍ଠା-୧୦

- ମୁଖ୍ୟ ଅଭିଯୁକ୍ତ ଫେରାର
- ସହଯୋଗୀଙ୍କୁ ଗିରଫ କରି ବାହାବାହା ନେଉଛି ପୁଲିସ

ସପ୍ତର୍ଷି
ସକାଳ
THE SAKALA
www.sakalaepaper.com

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗ୍‌ଡେ ବହୁତ ଜଲ୍‌ଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁବି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁବି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।


# ଦୁଇଟି ଚେହେରା ଥିବା ବ୍ୟକ୍ତି

କେବେକେବେ ଆମେ କଥା ଛଳରେ କହିଦେଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱର୍ଡ ମୋର୍‌ଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା । ଇଂଲଣ୍ଡର ଅଧିବାସୀ ଏଡୱର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ଼ ଅନେକ ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।




## ଜଣା ଅଜଣା

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେଣ୍ଟାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେଣ୍ଟାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ । 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେଣ୍ଟାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାଉଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଆଜିର ଇତିହାସ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ । କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ , ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।




# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ

ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱ୍‌ଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।



# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିତ୍ତିକ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରୀଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।



# ରିଅଲ୍ ଲାଇଫ୍‌ର 'ପିକେ'

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୁପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଭ୍ରମଣପ୍ରିୟ ହେବେ। ଶୁଭ ଅଙ୍କ-୯, ଶୁଭ ରଙ୍ଗ-ମେରୁନ୍

**ବୃଷ:** ଅନେକ ଚେଷ୍ଟା କରି ସଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବେ। ଶୁଭ ଅଙ୍କ-୬, ଶୁଭ ରଙ୍ଗ-ଧଳା

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। ଶୁଭ ଅଙ୍କ-୮, ଶୁଭ ରଙ୍ଗ-ଆକାଶୀ

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। ଶୁଭ ଅଙ୍କ-୨, ଶୁଭ ରଙ୍ଗ-ପିଙ୍କ୍

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅସହଯୋଗ ମିଳିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ

**କନ୍ୟା:** କେତେକ ସମସ୍ୟାକୁ ନେଇ ବିବ୍ରତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। ଶୁଭ ଅଙ୍କ-୭, ଶୁଭ ରଙ୍ଗ-ସିଲଭର୍

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ୍ୟ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧ ବୃଦ୍ଧି ପାଇବ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦

■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

# ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

ଭୁବନେଶ୍ୱର/କଟକ,୨୨।୯ (ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି

**● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ**
**● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ**

ଯଥାକ୍ରମେ ବିଟ୍ରେନ ଲିଭରପୁଲରେ ମିଜାଇଲର ରିସର୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଉର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ୍, ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୂହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ଯୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯ (ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ

**● ରୁଲ୍ କର୍ଭକୁ ବେଖାତିର**
**● ଏକାଥରକେ ଖୋଲିଦେଲା ଗେଟ୍**



କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

**ପଞ୍ଚାୟତ ନିର୍ବାଚନ**

# ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯ (ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ,

**ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି**

ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

# ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯ (ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।



ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

# ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

**● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି**
**● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ**

ଭୁବନେଶ୍ୱର,୨୨।୯ (ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

**ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି**

# ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯ (ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ଼ ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସୁନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା।



ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ । ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଓଏଏସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯ (ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍‌ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯ (ସମିସ): ଇଏସ୍‌ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍‌ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ (ବିକୋ)କୁ ମଧ ୯୫.୬% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ(ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

**ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି**

# ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରୀ-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ

**● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର**

ପ୍ରସଙ୍ଗକୁ ପ୍ରସଙ୍ଗକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁଯିଥିବା ବିବୈାଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।





# ଫାଇଲ୍ ଭିତରେ ବନ୍ଧା ପାଇକାରୀ ମାଛ ବଜାର

## ଜବରଦଖଲକାରୀଙ୍କ କବଜାରେ ଫିସରି ବନ୍ଧ





**ସମ୍ବଲପୁର, ୨୨।୯ (ସମିସ)**

ସମ୍ବଲପୁର ସହର ମଧ୍ୟରେ ରହିଛି ୫୧ ଏକର ପରିମିତ ଜଳାଶୟ। ଏହା ଫିସରି ବନ୍ଧ ନାମରେ ପରିଚିତ। ପୂର୍ବେ ମଧୁର ମାଛ ଚାଷ ଓ ଜାଆଁଳା ବିକ୍ରି ପାଇଁ ଏହି ବନ୍ଧ ଗୁଡିକ ବିନିଯୋଗ ହେଉଥିଲା। ଏଠାରୁ ମାଛ ଜିଲ୍ଲା ତଥା ଜିଲ୍ଲା ବାହାରକୁ ବିକ୍ରି ପାଇଁ ପଠାଯାଉଥିଲା। ଫଳରେ ଅନେକ ମତ୍ସ୍ୟଜୀବୀ ଏହା ଦ୍ୱାରା ଜୀବିକା ନିର୍ବାହ କରୁଥିଲେ। ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ମହନଗର ନିଗମ ପକ୍ଷରୁ ଏହି କମଳିବଜାର ସ୍ଥିତ ଫିସରି ବନ୍ଧ କମ୍ପ୍ଲେକ୍ସ ଠାରେ ଏକ ପାଇକାରୀ ମାଛ ବଜାର ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରାୟ ଅଧ ଏକର ଜମିରେ ଏହି ବଜାର ବିକଶିତ କରିବା ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାଛ ରଖିବା ପାଇଁ ଗୋଦାମ, ଶୀତଳ ଭଣ୍ଡାର ଓ ବରଫ ପ୍ଲାଣ୍ଟ ଆଦିର ଯୋଜନା ଥିଲା। ଏଥିସହ ଜଳ ନିଷ୍କାସନ ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ ରିପୋର୍ଟରେ ଦର୍ଶାଯାଇଥିଲା। ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫାଇଲ ମଧ୍ୟରେ ଏହି ପ୍ରକଳ୍ପ ବନ୍ଧା ହୋଇ ପଡ଼ିଛି। ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ବେଳେ ବହୁ ମତ୍ସ୍ୟଜୀବୀ ଏହାର ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ଏହା ବର୍ଷ ବର୍ଷ ଧରି ପଡ଼ି ରହିଥିବା ବେଳେ ଘାସ, ଲଟା ବଢ଼ିବାରେ ଲାଗିଛି। ବିଶେଷ ଭାବେ ଏହା ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। କମଳିବଜାର ଓ ବଡବଜାର ନିକଟକୁ ଲାଗି ରହିଥିବା ଅଞ୍ଚଳକୁ ଲୋକେ ଦଖଲ କରି ଗୃହ ନିର୍ମାଣ କରିଛନ୍ତି। ଏପରିକି ଅନେକ ଦୋକାନ ବଜାର ମଧ୍ୟ ଗଢି ଉଠିଛି। କିଛି ଜମି ଦଲାଲ ଏହି ଅଞ୍ଚଳକୁ ବିକ୍ରି କରି ମୁନାଫା ନେଉଛନ୍ତି। ତେବେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ବେଳେ ଅଧିକାଂଶ ଲୋକ ଖାଲ ଜମିକୁ ପୋତି ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ଅନେକ ଦଖଲ କରିଥିବା ଜାଗା ଓ ଘରକୁ ମଧ୍ୟ ବିକ୍ରି କରୁଛନ୍ତି। ଏଥିପାଇଁ ଷ୍ଟାମ୍ପ ପେପରରେ ମଧ୍ୟ ସତ୍ୟପାଠ କରାଯାଇ ବିକ୍ରି କରାଯାଉଛି। ଶସ୍ତାରେ ଜମି ମିଳୁଥିବା ବେଳେ ଲୋକେ ଏହାକୁ ନିଜ ଅକ୍ତିଆର କରିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ସହର ମଧ୍ୟରେ ଏହି ଜଳାଶୟ ଗୁଡିକ ଥିବାବେଳେ ଏହା ଉପଯୋଗ କରିବା ଆବଶ୍ୟକ। ଏହାକୁ ଠିକ ଭାବେ ଯତ୍ନ ନିଆଗଲେ ମତ୍ସ୍ୟଜୀବୀ, ଚାଷୀ ଓ ବେପାରୀମାନଙ୍କ ପାଇଁ ଏହା ସୁବିଧାଜନକ ହେବ। ଏ ବାବଦରେ ମତ୍ସ୍ୟ ବିଭାଗ ଅଧିକାରୀ ବିରଜା ପ୍ରସାଦ ଦ୍ୱିବେଦୀଙ୍କୁ ପଚାରିବାକୁ ଏହି ଫିସରି ବନ୍ଧ ମତ୍ସ୍ୟ ବିଭାଗ ଅଧୀନରେ ରହିଥିଲା। ବର୍ତ୍ତମାନ ଏହା ରାଜ୍ୟସ୍ୱ ବିଭାଗ ହାତକୁ ଯାଇଛି ବୋଲି କହିଥିଲେ।

## ୩ ନାବାଳକ ଦୋଷୀ ସାବ୍ୟସ୍ତ

**ସମ୍ବଲପୁର,୨୨।୯ (ସମିସ):** ସମ୍ବଲପୁର ଅତିରିକ୍ତ କିଶୋରନ୍ୟାୟ ବୋର୍ଡର ମୁଖ୍ୟ ବିଚାରପତି ଏକ ହତ୍ୟାକାଣ୍ଡର ବିଚାର କରି ୩ ଜଣ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କିଶୋରନ୍ୟାୟ ଆଇନ୍ ଅନୁଯାୟୀ ସର୍ବୋଚ୍ଚ ୩ ବର୍ଷ ସ୍ୱଧାର ଗୃହରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କତରବଗା ଥାନା ଅନ୍ତର୍ଗତ ମଲିଆଟିକ୍ରା ଗ୍ରାମରେ ୨୦୦୬ ମସିହାରେ ଏକ ହତ୍ୟାକାଣ୍ଡ ହୋଇଥିଲା। ହତ୍ୟାକାଣ୍ଡର ଦୀର୍ଘ ୧୫ ବର୍ଷ ପରେ ଏହାର ରାୟ ପ୍ରକାଶ ପାଇଛି। ମଲିଆଟିକ୍ରା ଗ୍ରାମର କୁଳମଣି କିସାନ, ସାଧୁ କିସାନ ଓ ନୀଳମଣି କିସାନ ତିନି ଭାଇ ମଧ୍ୟରେ ଜମିଜମା ସଂକ୍ରାନ୍ତ ବିବାଦ ରହିଥିଲା। ତେବେ ନୀଳମଣି ଘରଛାଡି ପ୍ରସନ୍ନଙ୍କ ଘରେ ଆଶ୍ରୟ ନେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କୁଳମଣି ଓ ସାଧୁଙ୍କ ତିନିପୁଅ ସମେତ ମୋଟ ୮ ଜଣ ମିଶି ୨୦୦୬ ଡିସେମ୍ବର ୨୭ ରାତିରେ ପ୍ରସନ୍ନଙ୍କ ଉପରେ ଲାଠି ଓ ଟାଙ୍ଗିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଭଳିସ୍ଥଳେ ତାଙ୍କ ଚିତ୍କାର ଶୁଣି ନୀଳମଣି, ଗିରିଧାରୀ, ପିଣ୍ଟୁ, ସଞ୍ଜୟଓ ଅନ୍ୟମାନେ ଘଟଣା ସ୍ଥଳକୁ ଦୌଡି ଆସିଥିଲେ। ତେବେ ଏହି ନାବାଳକମାନେ ସେମାନଙ୍କୁ ଅଟକାଇଥିଲେ। ଏହି ଘଟଣାରେ ଉଭୟ ପ୍ରସନ୍ନ ଓ ତାଙ୍କ ପୁଅ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ନୀଳମଣି, ଗିରିଧାରୀ ଓ କ୍ଷୀର କିସାନ ଆହତ ହୋଇ ଚିକିତ୍ସିତ ହେଉଥିଲେ। ୨୦୦୬ ଡିସେମ୍ବର ୨୮ ତାରିଖରେ ଭୀମ କିସାନ ଏନେଇ କତରବଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସମୁଦାୟ ୧୯ ଜଣଙ୍କ ସାକ୍ଷପ୍ରମାଣକୁ ଆଧାର କରି ନ୍ୟାୟାଳୟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ନାବାଳକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ବେହେରା ମାମଲା ପରିଚାଳନା କରିଥିଲେ। ସରକାରଙ୍କ ପକ୍ଷରୁ ଲକ୍ଷ୍ମୀଧର ମହାନ୍ତି ମାମଲା ପରିଚାଳନା କରିଥିବା ଜଣାପଡ଼ିଛି।

## ମାଡ଼ମାରି ଲୁଟ୍ ଘଟଣା, ୩ ଗିରଫ

**ସମ୍ବଲପୁର,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ପୁଲିସ ବାଇକ ଆରୋହୀଙ୍କୁ ମାଡ ମାରି ଲୁଟ୍ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ନାବାଳକ ଅଛନ୍ତି। ସେମାନଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତ କଟରଧୁଆ।ର ତ୍ରିଦେବ ବାଗ (୨୬)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ଠାରୁ ଲୁଟ୍ ହୋଇଥିବା ବାଇକ, ମୋବାଇଲ ଓ ହେଲମେଟ୍ ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗ ଦହିଆ ଅଞ୍ଚଳର ପିକୁନ ବଗର୍ତ୍ତି ଓ ତାଙ୍କ ସାଙ୍ଗ ସୁରେଶ ମେହେରଙ୍କୁ ଗତ ୨୦ ତାରିଖ ରାତି ୧୦ ଟା ସମୟରେ ୪ ଜଣ ଅଜଣା ଯୁବକ ଅଟକାଇବା ସହ କଟରଧୁଆ ପୋଖରୀ ନିକଟରେ ମାରପିଟ କରିଥିଲେ। ସେମାନେ ଏମାନଙ୍କ ବାଇକ, ମୋବାଇଲ ଫୋନ ଓ ହେଲମେଟ୍ ଲୁଟି ନେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ପିକୁନ ଏନେଇ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ୪୯୦/୨୧ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ତଦନ୍ତ ବେଳେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି।

## ସଟ୍ଟା ଆଡ୍ଡା ଉପରେ ଚଢ଼ଉ, ୧୪ ଗିରଫ

**ସମ୍ବଲପୁର,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ପୁଲିସ ବିଭିନ୍ନ ସଟ୍ଟା ଆଡ୍ଡା ଉପରେ ଚଢ଼ଉ କରିଛି। ଏହି ଅଭିଯୋଗରେ ୧୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୯,୭୮୩ ଟଙ୍କା ସହ କାଗଜ, ମୋବାଇଲ ଫୋନ୍ ଓ କାଲକୁଲେଟର ଜବତ ହୋଇଛି। ଏ ନେଇ ସମୁଦାୟ ୮ଟି ମାମଲା ରୁଜୁ କରାଯାଇଛି। ଗରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନା ଅନୁସାରେ, ଏସପି ବି. ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ବିଭିନ୍ ଥାନା ଅଞ୍ଚଳରେ ଚଢ଼ଉ ହୋଇଥିଲା। ଟାଉନ ଥାନା ଅଧୀନ ସାହୁ କଲୋନୀ, ଗେଇଟି ରୋଡ୍, ଫାଟକ, କ୍ଷେତରାଜପୁର ଆଦର୍ଶ ଥାନାର ବଡ଼ବଜାର, ଧନୁପାଲି ଥାନାର ଧନୁପାଲି ଛକ, ଅଇଁଠାପାଲି ଥାନାର ଅଇଁଠାପାଲି ବସଷ୍ଟାଣ୍ଡ ଓ ଧୁକୁପଡ଼ାରେ ଚଢ଼ଉ କରାଯାଇଥିଲା। ଏଭଳିସ୍ଥରେ ସାହୁ ସାହୁ କଲୋନୀର ଗଣେଶ ସେନାପତି, ପ୍ରାମୋଦ ସୋଙ୍କର, ଗେଇଟି ରୋଡ଼ର ତ୍ରିନାଥ ବେହେରା, ଫାଟକର ସୁଦାମ ବାଗ, ସଞ୍ଜୟ ମୁଖୀ, ମୂଦିପଡ଼ାର ବୈଷ୍ଣବ କଲେ. ଆକାଶ ଜାଲ, ବଡ଼ବଜାର ପ୍ରକାଶ ସାହୁ, ଅଇଁଠାପାଲି ବସଷ୍ଟାଣ୍ଡର ଓମ୍‌ପ୍ରକାଶ ସାହା, ଜିତେନ୍ଦ୍ର ସାହା, ଧୁକୁପଡ଼ାର ତୀର୍ଥ ମୁଣ୍ଡା, ସଚିନ ରାୟ, ଧନୁପାଲି ଛକର ଅଭୟ କୁମାର ମହାୱାର, ରାଜକିଶୋର ବାଦୀକୁ ଗିରଫ କରାଯାଇଛି।

## ସ୍କୁଲ ପାଚେରି ନିର୍ମାଣକୁ ବିରୋଧ

**ସମ୍ବଲପୁର, ୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ ପଞ୍ଚାୟତପଡ଼ାକୁ ଏକ ସମ୍ପ୍ରସାରଣ ରାସ୍ତା ପ୍ରଦାନ ଦାବିରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍କୁଲ ପାଚେରି ନିର୍ମାଣକୁ ବିରୋଧ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ପଡ଼ା ହୀରାକୁଦ ବିସ୍ଥାପିତକୁ ନେଇ ହୋଇଛି। ୧୯୫୪ ମସିହାରୁ ପଡ଼ାବାସୀ ଏଠାରେ ରହି ଆସୁଛନ୍ତି। ତେବେ ୧୯୭୪ ମସିହାରେ ସିନ୍ଦୁରପଙ୍କ ହାଇସ୍କୁଲ ସ୍ଥାପିତ ହୋଇଥିବା ବେଳେ ବର୍ତ୍ତମାନ ଏହାର ପାଚେରି ନିର୍ମାଣ କରାଯାଉଛି। ତେବେ ପାଚେରି ନିର୍ମାଣକୁ ସ୍ଥାନାନ୍ତର କରା ନଗଲେ ରାସ୍ତା ସଙ୍କୋଚନ ହେବାର ଆଶଙ୍କା ରହିଛି। ଏପରିକି ଜରୁରି କାଳୀନ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡି ଯାତାୟତ କରିବାରେ ବାଧା ସୃଷ୍ଟି ହେବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଦାବିପତ୍ରରେ ଭବାନୀ ଶଙ୍କର ସୋହେଲା, ଅନିଲ ନାଏକ, ସୁନାସିର ମାଝି, ମିଥୁନ ସିଂ, ନଳିନୀ ସିଂ, ପର୍ଶୁରାମ ଝରିଆ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

■ ୩୩ତମ ରାଜ୍ୟ କରାଟେ ପ୍ରତିଯୋଗିତା

## ସମ୍ବଲପୁରର ୪ ଜଣ ସଫଳ



**ସମ୍ବଲପୁର, ୨୨।୯ (ସମିସ) :** ଓଡ଼ିଶା ଷ୍ଟେଟ କରାଟେ ଡୁ ଆସୋସିଏସନ ପକ୍ଷରୁ ୩୩ତମ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସମ୍ବଲପୁରର ୪ ଜଣ ସଫଳତା ହାସଲ କରିଛନ୍ତି। ୨୧ ବର୍ଷରୁ କମ୍ ୬୦ କେଜି ବର୍ଗରେ ପ୍ରିୟାଂଶୁ ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ରୋହିତ ପାତ୍ର ୨୧ ବର୍ଷରୁ କମ୍ ୭୫ କେଜି ବର୍ଗରେ ରୌପ୍ୟ, ରୋହନ ପାତ୍ର ବରିଷ୍ଠ ବର୍ଗରେ କାଂସ୍ୟ ଓ ନେହା ପଞ୍ଜୱାନି ୨୧ ବର୍ଷରୁ କମ୍ ୬୧ କେଜି ମହିଳା ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ସମ୍ବଲପୁରର ପଶିକ୍ଷକ ଅନୁପ କୁମାର ମିଶ୍ର ଏହି ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସୁରକ୍ଷା ପାଇଁ ବାଇକ୍ ପାଟ୍ରୋଲିଂ ଆରମ୍ଭ

**ସମ୍ବଲପୁର,୨୨।୯ (ସମିସ):** ପର୍ଯ୍ୟଟନ ଋତୁ ଆସିଥିବା ବେଳେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ବିଶେଷ ଭାବେ ହୀରାକୁଦ ଜଳରାଶି ଓ ଡ୍ୟାମ ପରିଦର୍ଶନ ପାଇଁ ପର୍ଯ୍ୟଟକ ମାନେ ଦୂରଦୂରାନ୍ତରୁ ଆସୁଛନ୍ତି। ଏପରିକି ଭୋଜିଭାତର ଆସର ମଧ୍ୟ ଜମୁଥିବା ବେଳେ ପର୍ଯ୍ୟଟକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବାଇକ ପାଟ୍ରେଲିଂ ଆରମ୍ଭ ହୋଇଛି। ଅଶୋକ ନିବାସ ଠାରୁ ବରଗଡ଼ କେନାଲ ପର୍ଯ୍ୟନ୍ତ ରାଇଟ ଡାଇକରେ ଏହି ପାଟ୍ରୋଲିଂ କରାଯାଉଛି। ବୁର୍ଲା ଥାନା ପୁଲିସ ପକ୍ଷରୁ ନିୟମିତ ଇଆରଭି ପାଟ୍ରୋଲିଂ କରାଯାଉଛି। ଫଳରେ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ପର୍ଯ୍ୟଟକ ମାନେ ପ୍ରାକୃତିକ ପରିବେଶର ମଜା ନେଇପାରିବେ। ଏଥିସହ କୌଣସି ସ୍ଥାନରେ ଗଣ୍ଡଗୋଳ କିମ୍ବା ଦୁଷ୍ଟାମୀ ଦେଖାଗଲେ ପୁଲିସର ସହାୟତା ମଧ୍ୟ ନେଇ ପାରିବେ ବୋଲି ଏସପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି।

## ମୁଦିପଡ଼ା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୨।୯ (ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୁଦିପଡ଼ା ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଏହି ପୂଜା କୋଭିଡ କଟକଣା ମଧ୍ୟରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ନିରାଡମ୍ବର ଭାବେ କେବଳ ବିଧିପାଳନ ପୂର୍ବକ ପାଳନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ନାରାୟଣ ପଣ୍ଡା, ସୀମାଞ୍ଚଳ ପଣ୍ଡା, ବିନୋଦ ପ୍ରଧାନ, ରାମେଶ ସାହୁ, କୋଦଣ୍ଡ ନାଏକ, କୃଷ୍ଣ କୁମାର, ସନ୍ତୋଷ ପଟେଲ, ଚଞ୍ଚଳା ନାଏକ, ଡ. ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ ଧକ୍କାରେ ବାଇକ୍ ଚାଳକ ମୃତ

**ସମ୍ବଲପୁର,୨୨।୯ (ସମିସ):** ବୁର୍ଲା ଥାନା ଅଧୀନ ପିସି ବ୍ରିଜ ନିକଟରେ ବୁଧବାର ଅପରାହ୍ଣ ସାଢ଼େ ଗୋଟାଏରେ ଦୁର୍ଘଟଣା ଘଟିଛି। ଏକ ଅଟୋ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବଲପୁର ଷ୍ଟୋନପଡ଼ାର ଟାରଜନ ନାଗ (୩୧)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଶବ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରା କରାଯାଇଛି। ସୂଚନା ଅନୁସାରେ, ଟାରଜନ ଓ ତାଙ୍କ ସହକର୍ମୀ ଶରତ ଦୀପ ଏକ ବାଇକରେ ହୀରାକୁଦ ଷ୍ଟେସନରୁ କାମ ସାରି ଫେରୁଥିବାବେଳେ ଅଟୋ ଧକ୍କା ଦେଇଥିଲା। ବରାଇକରୁ ଉଭୟ ପଡ଼ି ଗୁରୁତର ହୋଇଥିଲେ। ଉଭୟଙ୍କୁ ଲୋକେ ଆମ୍ବୁଲାନ୍ସରେ ବୁର୍ଲା ଭିମ୍‌ସାର ନେଇଥିଲେ। ସେଠାରେ ଡାକ୍ତର ଟାରଜନଙ୍କୁ ମୃତ ଘୋଷଣା କରିଛନ୍ତି। ଶରତ ଚିକିତ୍ସାଧୀନ ଅଛନ୍ତି।

## ଦୁର୍ଗା ପ୍ରସାଦ ନାୟକ ଥିଲେ ଖଟିଖିଆ, ଶୋଷିତ ସମାଜର ମାର୍ଗଦର୍ଶକ

**ସମ୍ବଲପୁର,୨୨।୯ (ସମିସ):** ପ୍ରଫେସର ଦୁର୍ଗା ପ୍ରସାଦ ନାୟକଙ୍କ ବିୟୋଗ କେବଳ ସମ୍ବଲପୁର ପାଇଁ ନୁହେଁ ପଶ୍ଚିମ ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି। ସେ ଖଟିଖିଆ ଓ ଶୋଷିତ ସମାଜର ମାର୍ଗଦର୍ଶକ ଥିଲେ। ଶ୍ରମିକ ବର୍ଗ, ପରିବେଶ ସୁରକ୍ଷା ଓ ଅନ୍ୟାନ୍ୟ ଦିଗ ପ୍ରତି ସେ ବିଶେଷ ଯତ୍ନବାନ ଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ ଶୋକସଭାରେ ବକ୍ତାମାନେ ଏହା କହିଛନ୍ତି। ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ବକ୍ତା ମାନେ କହିଥିଲେ ଯେ, ସେ କେବଳ ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି କିମ୍ବା ପରାମର୍ଶଦାତା ନଥିଲେ ବରଂ ସେ ସମଗ୍ର ସମାଜର ଅଭିଭାବକ ଥିଲେ। ତାଙ୍କର କର୍ମମୟ ଜୀବନ ବହୁ ଅଭିଜ୍ଞତା, ସେବା ଓ ସଫଳତା ଦ୍ୱାରା ପରିପୁଷ୍ଟ ଥିଲା। ସେ ହୀରାକୁଦ ବନ୍ଧ ଦ୍ୱାରା ଉଦବାସ୍ତୁ ପ୍ରଜା, ବିଭିନ୍ନ କମ୍ପାନୀ ଦ୍ୱାରା ନିଷ୍ପେସିତ ହୋଇଥିବା ଶ୍ରମିକ, ଜଳବାୟୁ ପରିବର୍ତ୍ତନ, ପରିବେଶରେ ଅସୁରକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସକ୍ରିୟତାର ସହ କାର୍ଯ୍ୟ କରିଆସିଥିଲେ। ଜୀବନରେ କେବେ ସାଲିସକୁ ପ୍ରଶ୍ରୟ ଦେଉନଥିଲେ। ନିଜ ଆଦର୍ଶ ତଥା ଦୃଷ୍ଟିକୋଣକୁ ନେଇ ଦୃଢ ମନୋରଥ ଥିଲେ। ଏଥିସହ ସେ ଥିଲେ ସୁବକ୍ତା ଓ ସୁଲେଖକ। ବିଷୟର ଗହୀରତାକୁ ଯାଇ ସମୀକ୍ଷା କରିବା ସହିତ ତାର ସମାଧାନର ପ୍ରସ୍ତାବ ମଧ୍ୟ ଦେଉଥିଲେ। ତାଙ୍କର ଧିଶକ୍ତି ବଳରେ ପଶ୍ଚିମ ଓଡ଼ିଶାର ବହୁ ଅନୁଷ୍ଠାନ ଉପକୃତ ହୋଇ ପାରିଛନ୍ତି। ସେ ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଥିବା ସମୟରେ ଆୟୋଜିତ ପଶ୍ଚିମ ଓଡ଼ିଶାସ୍ତରୀୟ ସଭାରେ ଗୋଟିଏ ଦିନରେ ନୂଆଁଖାଇ ପାଳନ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ସରୋଜ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ସନ୍ତୋଷ ଦାଶ, ରାଜେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପରେଶ ଚନ୍ଦ୍ର ଦାନୀ, ଦୀପକ କୁମାର ପଣ୍ଡା, ସୁରେଖା ସାହୁ, ପ୍ରଶାନ୍ତ ପାଟ୍ଟଯୋଷୀ, ସୂର୍ଯ୍ୟ ପାଣିଗ୍ରାହୀ, ଅଶୋକ ମିଶ୍ର, ଚକ୍ରଧର ମିଶ୍ର, ଶ୍ୟାମ ସୁନ୍ଦର ଅଗ୍ରୱାଲା, ସନ୍ତୋଷ କୁମାର ନନ୍ଦ, ସୁକାନ୍ତ ବହିଦାର, ବାବୁଲା ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ସୁରକ୍ଷା ସଂଗଠନର 'ଗାଁକୁ ଚାଲ' ଅଭିଯାନ

**ସମ୍ବଲପୁର, ୨୨।୯ (ସମିସ) :** ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଚାଷୀ ସଂଗଠନ ପକ୍ଷରୁ ଦିଆଯାଇଥିବା ଏହି ଡାକରାରେ ଶତାଧିକ ଚାଷୀ ସାମିଲ ହୋଇଥିଲେ। ପ୍ରଥମେ ସମ୍ବଲପୁର ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବାଇକ ରାଲି ଆରମ୍ଭ ହୋଇଥିଲା। ଏହି ବାଇକ ର‌୍ୟାଲି ଚାରପାଲି ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ୩ଟି କଳା ଆଇନକୁ ବିରୋଧ କରାଯାଇଥିଲା। ଏଥିସହ ମଣ୍ଡିର ଘରୋଇକରଣ, ଟୋକନ ସମସ୍ୟା, ମରୁଡ଼ି ମୁକାବିଲା, କଟନୀଛଟନୀ ଓ ସାରର ଅଭାବି ବିକ୍ରି ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲା ସ୍ତରରେ ଟୋକନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଚାଷୀ ମାନେ କୌଣସି ରାଜନୈତିକ ଦଳର ହାତ ବାରସି ନ ହେବାକୁ କୁହାଯାଇଥିଲା। ଏଥିସହ ଚାଷୀଙ୍କ ସମସ୍ୟା ନେଇ କୌଣସି ଦଳ



ଚିନ୍ତା କରୁ ନଥିବା ବେଳେ ସେମାନଙ୍କୁ ଗାଁକୁ ପ୍ରବେଶ ନ କରାଇ ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଚାରପାଲି ମାର୍କେଟ ୟାର୍ଡ ଠାରେ ଆୟୋଜିତ ଏହି ସଭାରେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ, ସମ୍ପାଦକ ବ୍ୟୋମକେଶ ଠାକୁର, ଉପସଭାପତି ଉମେଶ ମିଶ୍ର, ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ବିଭୁ ପଟ୍ଟନାୟକ, ଭୈରବ କୁମାର, ମନବୋଧ ବାରିକ, ପ୍ରଦୀପ ପାତ୍ର, ପ୍ରକାଶ ପ୍ରଧାନ ଓ ଅଶ୍ୱନୀ ପୃଷେଠ ପ୍ରମୁଖ ଚାଷୀ ନେତା ଉପସ୍ଥିତ ଥିଲେ।


# ବଢୁଛି ହୀରାକୁଦ ଜଳସ୍ତର : ଖୋଲିଲା ଆଉ ୪ ଗେଟ୍

**ସମ୍ବଲପୁର, ୨୨।୯ (ସମିସ)**

ହୀରାକୁଦ ଡ୍ୟାମର ଉପର ମୁଣ୍ଡରେ ଭଲ ବର୍ଷା ହୋଇ ନ ଥିଲେ ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରକୁ ଲକ୍ଷାଧିକ କ୍ୟୁସେକ ଜଳ ପ୍ରବେଶ କରୁଛି। ତେଣୁ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ରାତି ୯ଟା ରେ ଜଳସ୍ତର ୬୨୯.୮୫ଫୁଟ

## ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ରହିଛି। ଡ୍ୟାମ ମଧ୍ୟକୁ ଅଧିକ ଜଳ ପ୍ରବେଶ କରୁଥିବାରୁ ରାତି ୭ଟାରେ ୨ଟି ଗେଟ୍ ଓ ରାତି ସାଢ଼େ ୧୦ଟାରେ ଆଉ ୨ଟି ଖୋଲାଯାଇଛି। ମୋଟ୍ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବାମପଟୁ ୬ଟି ଓ ଡାହାଣପଟୁ ୨ଟି ଗେଟ୍ ଖୋଲାଯାଇଥିବା ବେଳେ ୧ ଲକ୍ଷ ୨୮ ହଜାର ୫୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପଟେ ୧ ଲକ୍ଷ ୩୬ ହଜାର ୯ ୯୧ ଘନଫୁଟ ଜଳ ପ୍ରବେଶ କରୁଛି। ନିଷ୍କାସିତ ଜଳ



ମଧ୍ୟରୁ ୯୮ ହଜାର ୫୬୮ ଘନଫୁଟ ସ୍ପିଲୱେ, ୨୫ ହଜାର ୮୮୧ ଘନଫୁଟ ଜଳ ପାୱାର ଚ୍ୟାନେଲ, ୨୮୨ ଘନଫୁଟ କଳକାରଖାନା ଓ ୩ହଜାର ୭୮୧ ଘନଫୁଟ ଜଳ କେନାଲକୁ ଛଡା ଯାଉଛି। ସେଥି ମଧ୍ୟରୁ ବରଗଡ଼ ମୁଖ୍ୟ କେନାଲକୁ ୩ ହଜାର ୬୧ ଘନଫୁଟ, ଶାସନ ମୁଖ୍ୟ କେନାଲକୁ ୬୩୦ ଘନଫୁଟ ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିକୁ ୯୦ ଘନଫୁଟ ଜଳ ଛଡାଯାଉଛି। ଏଭଳି ସ୍ଥଳେ ବେଲଗାଁରେ ୧୭ ହଜାର ୫୦୦ଘନଫୁଟ, ପଥର୍ଲାରେ ୪୮ ହଜାର ୨୬ ଘନଫୁଟ, ଖଇରମାଳରେ ୧ ଲକ୍ଷ ୯୦ ହଜାର ଘନଫୁଟ, ବାରମୁଳରେ ୨ ଲକ୍ଷ ୬୩ ହଜାର ୭୫୦ ଘନଫୁଟ ଓ ମୁଣ୍ଡଳିରେ ୨ ଲକ୍ଷ ୯୧ ହଜାର ୫୫୮ ଘନଫୁଟ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଛତିଶଗଡ଼ର ଡ୍ୟାମ ଖୋଲାଯାଇଥିବା ବେଳେ ସକାଳ ୬ଟାର ଜଳସ୍ତର ୬୨୯.୫୦ ଫୁଟ ରହିଥିଲା। ପରେ ୯ଟାରେ ୬୨୯.୫୪ ଫୁଟ, ମଧ୍ୟାହ୍ନ୧୨ଟାରେ ୬୨୯.୬୨ ଫୁଟ, ଅପରାହ୍ଣ ୩ଟାରେ ୬୨୯.୭୧ଫୁଟ ଓ ସନ୍ଧ୍ୟା ୬ଟାରେ ୬୨୯.୮୧ ଫୁଟ ରହିଥିଲା। ଜଳସ୍ତର ବୃଦ୍ଧି ପାଉଥିବାରୁ ସନ୍ଧ୍ୟା ୭ଟାରେ ଅଧିକ ୨ଟି ଗେଟ୍ ଖୋଲାଯାଇଥିଲା। ତେବେ ଜଳସ୍ତର ଏଭଳି ଭାବେ ବୃଦ୍ଧି ପାଇଲେ ଅଧିକ ଗେଟ୍ ଖୋଲାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।





## ନଳକୂପରୁ ବାହାରୁଛି କାଦୁଅ ପାଣି

**ଭେଡ଼େନ,୨୨।୯ (ସମିସ):** ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତର ଅଏଁଲାକଟା ନିକଟ ଚକପଡ଼ାଠାରେ ରାସ୍ତା କଡ଼ରେ ଥିବା ନଳକୂପରୁ କାଦୁଅ ପାଣି ବାହାରୁଛି। ଏହି ନଳକୂପରେ ପଡ଼ାର ୩ଟି ପିରିବାର ସଦସ୍ୟ ନିର୍ଭର କରନ୍ତି। ତେବେ ଦୀର୍ଘ ବର୍ଷେରୁ ଅଧିକ ସମୟ ହେବ ଏହି ନଳକୂପରୁ କାଦୁଅ ମିଶା ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଛି। ଫଳରେ ପଡ଼ାରେ ପିଇବା ପାଣି ତଥା ଅନ୍ୟାନ୍ୟ କାର୍ଯ୍ୟପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏ ସମ୍ପର୍କରେ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଫୋନ ଉଠାଇ ନଥିଲେ। ଫଳରେ ତାଙ୍କ ମତାମତ ନିଆଯାଇପାରି ନାହିଁ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ପଦ୍ମପୁର, ୨୨।୯ (ସମିସ):** ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗଦଲପୁର ଥାନା ଅଧିକାରୀ ଓ ସହକର୍ମୀମାନେ ୨୬ କେଜି ଗଞ୍ଜେଇ ଜବତ କରିବା ସହିତ ଜଣକୁ ଗିରଫ କରାଯାଇଛି। ଏକ ବାଇକ ଯୋଗେ ଛତିଶଗଡ଼ ରାଜ୍ୟ ରାୟଗଡ଼ା ଜିଲ୍ଲା ଗାନ୍ଧି ନଗର, କାଶିରାମ ଛକର ଶମ୍ଭୁ ଜୋଲହେ ନାମକ ଜଣେ ବ୍ୟକ୍ତି ୨୬ କେଜି ୫୫୦ ଗ୍ରାମ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଖବର ପାଇ ପୁଲିସ ତାକୁ କାବୁ କରି କୋର୍ଟ ଚାଲାଣ କରିଛି। ତା ଠାରୁ ବ୍ୟବହୃତ ବାଇକ, ନଗଦ ଛଅ ଶହ ଟଙ୍କା ଜବତ ହୋଇଥିବା ପୁଲିସ ସୂତ୍ରର ଜଣାପଡ଼ିଛି।

## ସ୍କୁଲ ନ ଥାଇ ହଷ୍ଟେଲ ନିର୍ମାଣ; ପିଲା ଯାଉଛନ୍ତି ଅନ୍ୟ ସ୍କୁଲକୁ

**ଝାରବନ୍ଧ, ୨୨।୯ (ସମିସ):** ଝାରବନ୍ଧ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାରବନ୍ଧରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ରହିଛି; କିନ୍ତୁ ଅଦ୍ୟାବଧି ବିଦ୍ୟାଳୟ ପାଇଁ ଭିତ୍ତିଭୂମି ସୃଷ୍ଟି କରାଯାଇନାହିଁ। ଛାତ୍ରୀ ନିବାସ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା କୋଠରୀ ନ ଥିବାରୁ କୌଣସି କାମରେ ଆସୁ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପାଇକମାଳ ବ୍ଲକ ଫେଙ୍ଗରପୁର ଆଦର୍ଶ ବିଦ୍ୟାଳୟକୁ ଯାଉଛନ୍ତି। ବ୍ଲକର ସମସ୍ତ ଅଭିଭାବକ ସମ୍ପୂର୍ଣ୍ଣ ହୋଇଥିବା ହଷ୍ଟେଲରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବାକୁ ଦାବି କରିଛନ୍ତି। ସ୍କୁଲ ନ ଥାଇ ହଷ୍ଟେଲ ନିର୍ମାଣ ଅତ୍ୟନ୍ତ କ୍ଷୋଭର ବିଷୟ। ଯଦି ନିର୍ମାଣ ହୋଇଛି ତାହା କାମରେ ଆସିବା ଉଚିତ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

## ୧୯୪ ବୋତଲ ଏସ୍କଫ୍ ଜବତ

**ସୋହେଲା,୨୨।୯ (ସମିସ):** ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ବିଭୁତି ଭୂଷଣ ଭୋଇଙ୍କ ନେତୃତ୍ୱରେ ସୋହେଲା ଥାନା ଅଧିକାରୀ ହାଡ଼ିବନ୍ଧୁ ଗଡ଼ତିଆ ସୋହେଲା ଥାନା ଅଞ୍ଚଳରେ ନିଶା ଦ୍ରବ୍ୟ ବିକ୍ରି ଓ ଚାଲାଣ ସମ୍ପର୍କରେ ଚଢଉ କରି ଭିନ୍ନ ଭିନ୍ନ ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୯୪ ଏସକଫ କଫ୍ ସିରପ ବୋତଲ, ୩୦ ଲିଟର କଫ୍ ସିରପରେ ବ୍ୟବହୃତ ମିଶ୍ରଣ ସାମଗ୍ରୀ, ଗୋଟିଏ ନମ୍ବର ବିହୀନ ବାଇକ୍, ୯୬୦ ଟଙ୍କା, ୨ଟି ମୋବାଇଲ ଜବତ କରାଯାଇଛି।

## ଭାଗବତ ଜନ୍ମୋତ୍ସବ ପାଳିତ

**ଖୁଣ୍ଟପାଲି,୨୨।୯ (ସମିସ):** ନୂଆସରସରା ସ୍ଥିତ ଶ୍ରୀ ସତ୍ୟସାଇ ଭାଗବତ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ଭାବଗତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଭାଗବତ ପଠନ, ଗୋ ମାତା ପୂଜନ, ଧରିତ୍ରୀ ମାତା ପୂଜନ, ବ୍ରାହ୍ମଣ ପୂଜନ ସହ ଦାରୁ ଦେବତାଙ୍କୁ ପୂଜନ କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାହିତ୍ୟିକ ଗୋପାଳକୃଷ୍ଣ ମିଶ୍ର ଆମ ସଂସ୍କୃତି ଓ ପ୍ରକୃତି ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରକୃତିମିତ୍ର ସୁଶାନ୍ତ ପଣ୍ଡା।

## ବାରିକ ସଙ୍ଘ ପକ୍ଷରୁ ଶୋକସଭା

**ବରଗଡ଼,୨୨।୯ (ସମିସ):** ବରଗଡ଼ ଜିଲ୍ଲା ବାରିକ ସମାଜ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ଶରତ ବାରିକଙ୍କ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କର ଗତ ଶୁକ୍ରବାର ପରଲୋକ ହୋଇଥିଲା। ବାରିକ ସମାଜର ସଭାପତି ରୋହିତ ବାରିକଙ୍କ ଅଧ୍ୟକ୍ଷତାରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ମହିଳା ସଭାନେତ୍ରୀ ସୁଶୀଲା ପଶାୟତ, ସମ୍ପାଦକ ଘନଶ୍ୟାମ ବାରିକ, ସହସମ୍ପାଦକ ଚିତ୍ତରଞ୍ଜନ ବାରିକ, କୋଷାଧ୍ୟକ୍ଷ ପବିତ୍ର ବାରିକ, ଉପ ସଭାପତି ପ୍ରକାଶ ବାରିକ, ସମାଜର ମାର୍ଗଦର୍ଶକ ବଳଦେବ ବାରିକ, ଲାଭ ବାରିକ, ମନୋରଞ୍ଜନ ବାରିକ, ସିବିଲ ବାରିକ, ବାରିକ ସମାଜର ସଭ୍ୟ ସୁରେଶ ବାରିକ, ରାଜେଶ ବାରିକ, କମଳ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

**ପଦ୍ମପୁର, ୨୨।୯ (ସମିସ):** ପଦ୍ମପୁର ଉପଖଣ୍ଡ କନସିଂହା ଖେଳ ପଡ଼ିଆରେ ଶିକ୍ଷକ ଏକାଦଶ ବନାମ କନସିଂହା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। କନସିଂହା ଏକାଦଶ ଟସ ଜିତି ୧୫ ଓଭରରେ ୧୭୧ ରନ କରିଥିବା ବେଳେ ଶିକ୍ଷକ ଏକାଦଶ ୧୬୫ ରନ କରି ପରାସ୍ତ ହୋଇଥିଲେ। ଟୁନାକୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ବରିଷ୍ଠ ଶିକ୍ଷକ କିଶୋର ପାତ୍ର ପୁରସ୍କୃତ କରିଥିଲେ। ମ୍ୟାଚକୁ ପରମେଶ୍ୱର ବିଶି ଓ ରଜତ ସିଂ ବରିହା ପରିଚାଳନା କରିଥିଲେ। ପରମେଶ୍ୱର ବିଶି ଧନ୍ୟବାଦ ଦେଇଥିଲେ।

## ଅନନ୍ତବ୍ରତ ଅବସରରେ ଭଜନ ସନ୍ଧ୍ୟା

**ଭେଡ଼େନ,୨୨।୯ (ସମିସ):** ବରଗଡ଼ ଜିଲ୍ଲା ଭେଡ଼େନ ତଲିପଡ଼ାରେ ଅନନ୍ତବ୍ରତ ପାଳନ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁ ମହାଦେବ ସେନାପତିଙ୍କ ସ୍ମୃତିରେ ଗଠିତ ଏହି ନୂତନ ଭଜନ ମଣ୍ଡଳୀରେ ବେତାର କଣ୍ଠଶିଳ୍ପୀ କିର୍ତ୍ତୀ ବଗର୍ତ୍ତୀ, ଶେଷଦେବ ନାଥ, ରସିକ ଡ଼ନସନା, ପ୍ରଭାସ ରଥ, ଦିଲ୍ଲୀପ ସୁନା, କୃଷ୍ଣଚନ୍ଦ୍ର ମୁଗୁରି ଏବଂ ଅନ୍ୟ ସ୍ଥାନୀୟ କଣ୍ଠଶିଳ୍ପୀ ଏବଂ ବାଦ୍ୟଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଏହି ଭଜନ ମଣ୍ଡଳୀ କାର୍ଯ୍ୟକ୍ରମକୁ ଆନନ୍ଦ ସେନାପତି, ରୁଦ୍ରାନନ୍ଦ ମେହେର ଏବଂ ଶ୍ରୀଧର ଦାଶ ପରିଚାଳନା କରିଥିଲେ।

### ବରଗଡ଼ ଜିଲ୍ଲାରେ ପରିବା ଅଭାବୀ ବିକ୍ରି

# ରାସ୍ତା କଡ଼ରେ ପଡ଼ିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଖନ

**ଗୁଦେରପାଲି,୨୨।୯ (ସମିସ):** କ୍ରମାଗତ ତିନି ବର୍ଷ ଧରି ମରୁଡ଼ି ଯୋଗୁଁ ଚାଷୀ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଫଳରେ ଚାଷୀ କୌଣସି ଉପାୟ ନ ପାଇ ଶେଷରେ ପରିବା ଚାଷ ଉପରେ ନିର୍ଭର କରିଥିଲା। ତେବେ ପରିତାପର ବିଷୟ ଯେ ଗତ ତିନି ବର୍ଷ ହେଲା ପରିବା ଅଭାବୀ ବିକ୍ରି ଯୋଗୁଁ ଚାଷୀ ସମ୍ପୂର୍ଣ୍ଣଭାବେ ଅସହାୟ ହୋଇଯାଇଛି। ଏପରିକି ଚାଷୀ ପରିବା ଚାଷକରି ବ୍ୟାପକ କ୍ଷତି ସହିବାକୁ ବାଧ୍ୟ ହୋଇଛି। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ମରୁଡ଼ି ପ୍ରପୀଡିତ ଅଞ୍ଚଳ ଭାବେ ବେଶ ଜଣାଶୁଣା। ପାଣି ଅଭାବ, କାମଧନ୍ଦା ଅଭାବରୁ ଏଠାରୁ ଦାଦନଙ୍କ ସୁଅ ଛୁଟେ। ଏବେ ବି ରାଜ୍ୟ ତଥା ରାଜ୍ୟ ବାହାରେ ଗାଇସିଲେଟ ଅଞ୍ଚଳର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି। ଧାନଚାଷ ପାଇଁ ଅଞ୍ଚଳର ଚାଷୀ ସମ୍ପୂର୍ଣ୍ଣ ରୂପେ ବର୍ଷା ପାଣି ଉପରେ ନିର୍ଭର କରନ୍ତି। ତେବେ ବିଗତ ତିନି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଧାନ ଫସଲ ଚାଷୀଙ୍କ ପାଇଁ ସ୍ୱପ୍ନ ପାଲଟିଛି; ତଥାପି ଚାଷୀ ହାରିନି। ଧାନ ଚାଷ ଗଲା ପରେ ପନିପରିବା ଚାଷ କରି ଭଲ ଦି ପଇସା ରୋଜଗାର କରିବା ଆଶା କରିଥିଲା ଚାଷୀ। ବାରମ୍ବାର କରଜ କରି ଚାଷୀ ବିଲ ସଜାଡିଥିଲା। କୀଟନାଶକ, ସାର, ଶ୍ରମିକ ଲଗାଇ ନିଜେ ଦିନ ରାତି ପରିଶ୍ରମକରି 'ମାଖନ' ଚାଷ କଲା। ବିକଳ୍ପ ଚାଷ ପାଇଁ ବିଶେଷଜ୍ଞ ମତ ଦେଉଥିବାବେଳେ ଫଳ ଓଲଟି ଗଲା। ଏବେ କ୍ରମାଗତ ତିନି ବର୍ଷ ହେଲା ଅଞ୍ଚଳର ଚାଷୀ ପରିବା ଅଭାବୀ ବିକ୍ରିର ଶିକାର ହୋଇଆସୁଛି। ଗାଇସିଲେଟ ଅଞ୍ଚଳରେ ଉନ୍ନତ ମାନର ମୁଗ, ବିରି ତଥା ପରିବା ଚାଷ ହୋଇଥାଏ। ଅଞ୍ଚଳର ପରିବା ଚାଷର ଅଧିକ ଚାହିଦା ରହିଥାଏ; ହେଲେ ତିନି ବର୍ଷ ହେଲା ଅଞ୍ଚଳର ଶହଶହ ଏକର ଜମିରେ ମାଖନ, ବାଇଗଣ ବିକ୍ରି ହୋଇନପାରି ଶଢିବାରେ ଲାଗିଛି। ଗତବର୍ଷ ଅଞ୍ଚଳର ଚାଷୀମାନେ ବଜାର, ରାସ୍ତାଘାଟ ଚାରିଆଡେ ଟମାଟର, ବାଇଗଣ ଢାଳିଦେବା ଘଟଣା ମଧ୍ୟ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ଅନୁରୂପ ଅବସ୍ଥା ଚଳିତ ବର୍ଷ ମଧ୍ୟ ଦେଖାଯାଇଛି। ପ୍ରାୟ ୨୦ ଦିନ ହେଲା ମାଖନ ଗୋଟାଏକୁ ୨୫ ପଇସାରୁ ବି କମରେ ବିକ୍ରି ହେଉଛି। ମାଖନର ଦର ମାତ୍ରାଧିକ କମି ଯିବାରୁ ଚାଷୀ ଆଉ ବିଲକୁ ଯାଉନାହିଁ। ପୂର୍ବବର୍ଷମାନଙ୍କରେ ଦଲାଲମାନେ ସିଧାସଳଖ ବିଲକୁ ଯାଇ ବାଇଗଣ, କଞ୍ଚାଲଙ୍କା, ମାଖନ ଅତି କମ୍ ମୂଲ୍ୟରେ ସଂଗ୍ରହ କରି କଟକ, ଭୁବନେଶ୍ୱର ତଥା ପଡୋଶୀ ରାଜ୍ୟର ରାୟପୁର ଆଦି ଅଞ୍ଚଳକୁ ପଠାନ୍ତି। ଚଳିତବର୍ଷ ଦଲାଲମାନେ ମଧ୍ୟ ଚାଷୀ ପାଖରୁ ମୁହଁ ମୋଡି ଦେଇଥିବାରୁ ଚାଷୀ ମାଖନକୁ ରାସ୍ତାରେ ଫୋପାଡି ଦେଉଛନ୍ତି। ଗାଇସିଲେଟ ବ୍ଲକର ଗୁଦେରପାଲି, ବେହେରା ବାହାରି, ଖଲାବାହାଲ, ଘୁମୁନିପାଲି, ଜଗଲପାଟ, ଟୁର୍ଚା, ତେଲମହୁଲ, କେର୍ମେଲି, ତାଲପାଲି, ଗୌରେନମୁଣ୍ଡା ଆଦି ଅଞ୍ଚଳରେ ଶହଶହ ଏକର ମାଖନ ଚାଷ ହୋଇଛି। ପ୍ରତ୍ୟେକ କ୍ଷେତ୍ରରେ ଚାଷୀ ଶୋଷିତ ହେଉଥିବାରୁ ଚାଷପ୍ରତି ଆଗ୍ରହ କମିଗଲାଣି। ତେଣୁ ବିକଳ୍ପ ଚାଷ ପ୍ରତି ପ୍ରୋତ୍ସାହନ ଯୋଗାଇଦେଲେ ଚାଷୀ ଉପକୃତ ହୋଇପାରନ୍ତେ। ଅନ୍ୟପକ୍ଷରେ ଏହି ଅଞ୍ଚଳରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ କୌଣସି ପନିପରିବା ସଂରକ୍ଷିତ କରାଯାଇପାରୁନାହିଁ। ତେଣୁ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଦାବି ହେଉଛି।



**ସେମାନଙ୍କ ମୁହଁରୁ...**

ଧାନତ ଦୂରର କଥା, ଚାଷୀ ପାଖରେ ପରିବା ବିହନ ମଧ୍ୟ ନାହିଁ। ଚଢା ଦରରେ କମ୍ପାନୀଠାରୁ ମଞ୍ଜି କିଣି ଚାଷ କରିବାକୁ ପଡୁଛି। ସେହିପରି ସାର ଔଷଧ ଦର ମଧ୍ୟ ବଢ଼ି ଚାଲିଛି। ତା ସାଙ୍ଗକୁ ନକଲି। ଚାଷୀଙ୍କ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଶୀତଳ ଭଣ୍ଡାର ହୋଇପାରୁନାହିଁ। କୃଷି ଓ ଉଦ୍ୟାନ ବିଭାଗ ଚାଷୀଙ୍କ ପ୍ରତି ଗୁରୁତ୍ୱ ଦେଉନାହାନ୍ତି।

**- କିଶୋର ଚନ୍ଦ୍ର ଦେବତା, ଚାଷୀ ନେତା**

ବେପାରୀ ପକେଟ ପ୍ରତି ୪୦ରୁ ୫୦ଟଙ୍କା ମାଗୁଛନ୍ତି। ସେତିକିରେ ଚାଷୀ ତୋଳିବା ଖର୍ଚ୍ଚ ମଧ୍ୟ ବାହାରୁ ନାହିଁ। ମୋର ମାଖନ ସବୁ ବିଲରେ ପଡ଼ିରହିଛି। ବିହନ, ଔଷଧ ଖର୍ଚ୍ଚ ମଧ୍ୟ ବାହାରୁନାହିଁ। ବାଧ୍ୟ ହୋଇ ଦଲାଲ୍ ହାତରେ ଟେକି ଦେଉଛୁ।

**-ଲଳିତ ପ୍ରଧାନ, ଚାଷୀ**

ଚଳିତବର୍ଷ ମରୁଡ଼ି ଚାଷୀଙ୍କୁ ଚିନ୍ତିତ କରିପକାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବହୁତ ଭଲ ପାଏସୁ ଆରୁ ଭୋଟ ଦେସୁଁ। ସରକାର ଯଦି ଆମର କଥା ଶୁନିକରି ଆମର ଅଞ୍ଚଳ ନୁ ଶୀତଲ ଭଣ୍ଡାର ଟେ, ଆରୁ ପନି ପରିବା ମଣ୍ଡି ଟେ କରିଦେତେ ?ହେଲେ ଆମେ ଉପକୃତ ହେଁତୁ।

**-କାମକୀ ପାତ୍ର, ମହିଳା ଚାଷୀ**

## ନ୍ୟାୟ ପାଇଁ ଜବ୍‌କାର୍ଡଧାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବରଗଡ଼,୨୨।୯ (ସମିସ):** ଆଜି ବିଜେପୁର ବ୍ଲକ ଅନ୍ତର୍ଗତ ଖାଇରପାଲି ଗ୍ରାମର ଜବକାର୍ଡଧାରୀ ଶ୍ରମିକମାନେ କାମ ମିଳିବାରେ ପାତରଅନ୍ତର ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଗ୍ରାମବାସୀ ଗ୍ରାମର ନୂଆବନ୍ଧର ମାଟିକାମରେ କାମ ମିଳି ନଥିଲା। ଯେଉଁମାନେ ଥିଲାବାଲା ସେମାନଙ୍କୁ କାମ ମିଳିଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ଉଚିତ ତଦନ୍ତ କରି ଦୋଷୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରି ଉଚିତ ଜବକାର୍ଡ଼ଧାରୀଙ୍କୁ ଚିହ୍ନଟ କରି କାମଧନ୍ଦା ଯୋଗାଇ ଦେବାକୁ ଦାବି କରିଛନ୍ତି।




## ପପଙ୍ଗା କଲୋନୀ-ପିପିଲିପାଲି ରାସ୍ତା ଶୋଚନୀୟ

**ଭେଡ଼େନ,୨୨।୯ (ସମିସ):** ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା କଲୋନୀ ଛକରୁ ବଡ଼ପିପିଲିପାଲି ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ଚିଚିଣ୍ଡା, ଅର୍ଜୁଣ୍ଡା, ମାନପୁର, ରୁଷୁଡ଼ା ଆଦି ଗ୍ରାମ ପଞ୍ଚାୟତର ୫୦ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ପର୍ଯ୍ୟଟନ କେନ୍ଦ୍ର ପପଙ୍ଗା ପାହାଡ଼କୁ ଯାତାୟତ କରନ୍ତି। ବର୍ଷବର୍ଷ ହେବ ଏହି ରାସ୍ତାର ମରାମତି କରାଯାଇନାହିଁ। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୁବଶୀଘ୍ର ଏହି ରାସ୍ତାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।



## ବାରିକ ସମାଜ ଶାଖା ସଂଗଠନ ଗଠିତ

**ବରଗଡ଼, ୨୨।୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଗୁଡିପାଲି କଲ୍ୟାଣ ମଣ୍ଡପରେ ଆଞ୍ଚଳିକ ବାରିକ ସମାଜ ସଂଘ ତରଫରୁ ସଭାପତି ହାରାଧନ ବାରିକଙ୍କ ସଭାପତିତ୍ୱରେ ବାରିକ ସମାଜ ଶାଖା ସଂଗଠନ ଗଠିତ ହୋଇଯାଇଛି। ପ୍ରଥମେ ଅତିଥିଙ୍କୁ ଚନ୍ଦନ, ତିଳକ ଦେଇ ସ୍ୱାଗତ କରାଯାଇଥିଲା। ପରେ ମା' ସମଲେଇଙ୍କ ଫଟୋରେ ପୁଷ୍ପଗୁଚ୍ଛ ଦେଇ ଦୀପ ପ୍ରଜ୍ୱଳନ କରି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାରିକ ସମାଜ ଗୁଡିପାଲି ଶାଖାର ପ୍ରିତୃ ପୁରୁଷଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ପଶ୍ଚିମ ଓଡ଼ିଶାର ମହାସଙ୍ଘର ସନ୍ତୋଷ କୁମାର ବାରିକ, ଜିଲ୍ଲା ସଭାପତ ରୋହିତ ବାରିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ଜିଲ୍ଲା ସମ୍ପାଦକ ଘନଶ୍ୟାମ ବାରିକ, ଜିଲ୍ଲା କୋଷାଧ୍ୟକ୍ଷ ପ୍ରବିତ୍ର ବାରିକ, ଜିଲ୍ଲା ଉପଦେଷ୍ଟା ଲାଭ ବାରିକ, ଜିଲ୍ଲା ସକ୍ରିୟ ସଦସ୍ୟ ସୁରେଶ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମାଜସେବୀ ପ୍ରମିଳା ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅତିଥିମାନେ ନିଜ ନିଜ ଅଭିଭାଷଣ ସମାଜର କିପରି ଉନ୍ନତି ହେବ ତାହା ବର୍ଣ୍ଣନା କରି ବୁଝେଇଥିଲେ। ଅନ୍ୟମାନଙ୍କ ମଧ୍ୟର ବ୍ଲକ କାର୍ଯ୍ୟକାରୀ ସଭାପତି ରଘୁନାଥ ବାରିକ, ସମ୍ପାଦକ କାର୍ତ୍ତିକ ପଶାୟତ୍, ଦେବରଚନ ବାରିକ, ସତ୍ୟବାନ ବେହେରା, ଜଗନ୍ନାଥ ପସାୟତ୍, ଦେବାନନ୍ଦ ବେହେରା, ସରୋଜ ବାରିକ, ସନ୍ତୋଷ ପଶାୟତ୍ ଓ ହରିହର ପଶାୟତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

**ଦହିତା, ୨୨।୯ (ସମିସ):** ରାଜବୋଡାସମ୍ବର ପଦ୍ମପୁର ବ୍ଲକ ବାନ୍ଧୁପାଲି ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଜିଲ୍ଲାପାଳ ମୋନୀଷା ବାନାର୍ଜୀ ପରିଦର୍ଶନରେ ଯାଇଥିଲେ। ମୁଖ୍ୟତଃ ଆଗାମୀ ଅକ୍ଟୋବର ଦୁଇ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସକୁ ଅନଲାଇନ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ତେଣୁ ଜିଲ୍ଲାପାଳ ନବନିର୍ମିତ ଛାତ୍ରୀ ନିବାସ ଦେଖିଥିଲେ। ଝରକା, କବାଟ ଭାଙ୍ଗି ଯାଇଥିବାରୁ ତୁରନ୍ତ ମରାମତି କରିବାକୁ ତାଗିଦା କରିଥିଲେ। ତାଙ୍କ ସହିତ ଏଡିଇଓ ଛତ୍ରପତି ସାହୁ, ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ, ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ରନାରାୟଣ ଭୋଇ ଉପସ୍ଥିତ ଥିଲେ।



## ଜିଲ୍ଲାପାଳଙ୍କ ଛାତ୍ରିନିବାସ ନିର୍ମାଣ ସମୀକ୍ଷା

**ପାଇକମାଲ,୨୨।୯ (ସମିସ):** ମଙ୍ଗଳବାର ପାଇକମାଲ ବ୍ଲକ ଫେଙ୍ଗରପୁରରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ଜିଲାପାଳ ମୋନିଷା ବାନାର୍ଜୀ ତଦାରଖ କରିଥିଲେ। ଛାତ୍ରୀନିବାସ ନିର୍ମାଣ ତୁରନ୍ତ ଶେଷ ନେଇ ସମ୍ପୃକ୍ତ ଠିକାଦାରଙ୍କୁ କହିଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ ସାହୁ, ବିଡିଓ ଉପାଞ୍ଜଳି ମାଝି, ଏବିଡିଓ ଭୀଷ୍ମଦେବ ମାଝି, ଆର୍ଦଶ ବିଦ୍ୟାଳୟର ଅଧ୍ୟକ୍ଷ ଦୀପ୍ତିରାଣୀ ମହାରଣା ଓ ପାଇକମାଲ ବିଇଓ ଚୁଡ଼ାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନୋରମ ପ୍ରତିଯୋଗିତା

**ବରପାଲି,୨୨।୯ (ସମିସ):** ବରପାଲି ଶିବାଜୀ କ୍ଲବ ପକ୍ଷରୁ ଏକ ଶିଶୁ ମନୋରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିବାଜୀ କ୍ଲବ ଅନନ୍ତ ନାରାୟଣ ପୂଜାମଣ୍ଡପ ସମ୍ମୁଖରେ ଶିଶୁ ମାନଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାରେ ଅନ୍ଧପୁଚୁଳି, ମ୍ୟୁଜିକାଲ୍ସ ଚେୟାର ଆଦି ପ୍ରତିଯୋଗିତା ମାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲିଶୋର ଦଫାଦାର ଯୋଗଦଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କ୍ଲବ ସଭାପତି ବିଜୁ ମେହେରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟକୁ ଧରମ ରାଜ ସିଂ ବରିହା ଓ ସୁଶିଲ ମେହେର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ପ୍ରଭୁ ମାହାନ୍ତି, ହାଡୁ ମେହେର, ଶ୍ରୀମୁଖ ମେହେର ଓ ବିଷ୍ଣୁ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ରାଜେନ୍ଦ୍ର କୁମାର ମେହେର ସ୍ୱାଗତ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ମାନଙ୍କରେ ବିଜୟୀ ଶିଶୁ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ।

# 'ବିକାଶ' ପରିସରରେ ପ୍ରମୋଦଙ୍କୁ ଭବ୍ୟ ସ୍ୱାଗତ




**ବରଗଡ଼, ୨୨।୯ (ସମିସ):** ଚଳିତ ବର୍ଷ ଟୋକିଓ (ଜାପାନ)ଠାରେ ଆୟୋଜିତ ପାରାଅଲିମ୍ପିକ୍ସ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତା ତଥା ବିକାଶ ଗ୍ରୁପର ପୂର୍ବତନ ବ୍ୟାଡମିଣ୍ଟନ୍ କୋଚ୍ ପ୍ରମୋଦ ଭଗତଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ବିକାଶ କ୍ୟାମ୍ପସ୍, ବରଗଡ଼ରେ ପ୍ରମୋଦଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହିତ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ସମ୍ମାନିତ କରାଯାଇଛି। ବିକାଶର ଛାତ୍ରଛାତ୍ରୀ ତାଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ବିକାଶ ଗ୍ରୁପ୍ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି.ନାଗେଶ୍ୱର ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଭଗତ ବିକାଶରେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବ୍ୟାଡମିଣ୍ଟନ କୋଚ ଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର ଏକାଡେମିକ୍ ଜି.ରାମକ୍ରିଷ୍ଣା ମାନପତ୍ର ପାଠ କରିଥିଲେ। ଶ୍ରୀ ଭଗତ୍ ତାଙ୍କ ବକ୍ତବ୍ୟରେ ବିକାଶ ସହିତ ତାଙ୍କର ମଧୁର ସମ୍ପର୍କର ସ୍ମୃତିଚାରଣ କରିଥିଲେ। ସେ ବିକାଶ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ ସ୍ୱର୍ଣ୍ଣ ପଦକ ପାଇବା ପକ୍ଷରେ ବିକାଶ ଗ୍ରୁପର ହାତ ରହିଛି ବୋଲି ଶ୍ରୀ ଭଗତ ପ୍ରକାଶ କରିଛନ୍ତି। ତାଙ୍କ ବକ୍ତବ୍ୟବେଳେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ବିକାଶ ଗ୍ରୁପ୍ର ଚେୟାରମେନ୍ ଡି.ମୁରଲୀ କ୍ରିଷ୍ଣା ନିଜ ବକ୍ତବ୍ୟରେ ପ୍ରମୋଦ ଭଗତଙ୍କ ସଫଳତାରେ ବିକାଶ କ୍ୟାମ୍ପସ୍ ତଥା ସମଗ୍ର ବରଗଡ଼ ଜିଲ୍ଲା ଗର୍ବିତ ବୋଲି କହିଥିଲେ। ସେ ଯେଉଁ ବ୍ୟାଡମିଣ୍ଟନ୍ କୋଚିଂ ଦେଉଥିଲେ, ସେହି କୋର୍ଟ୍‌କୁ ପ୍ରମୋଦ ଭଗତଙ୍କ ନାମରେ ନାମିତ କରିବାକୁ ଚେୟାରମ୍ୟାନ୍ ଘୋଷଣା କରିଥିଲେ। ଅତାବିରାଠାରେ ପ୍ରମୋଦ ଭଗତଙ୍କ ନାମରେ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରି ସଫଳତାର ପ୍ରତୀକ ସ୍ୱରୂପ ତାଙ୍କର ସମସ୍ତ କ୍ରୀଡ଼ା ପୁରସ୍କାର, ଫଳକ, ମାନପତ୍ର ରଖାଯାଇ ଗ୍ରାମାଞ୍ଚଳର ଯୁବପ୍ରତିଭାଙ୍କୁ ଉତ୍ସାହିତ କରିବା ଦିଗରେ ଅନୁଷ୍ଠାନ ସହଯୋଗ କରିବ ବୋଲି ଶ୍ରୀ କ୍ରିଷ୍ଣା ପ୍ରସ୍ତାବ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ର ଡାଇରେକ୍ଟର ଏଡ୍ମିନିଷ୍ଟ୍ରେସନ୍ ଡି.ବିବେକ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପା, ବରଗଡ଼ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଏସୋସିଏସନ୍ର ସେକ୍ରେଟାରୀ ରବିନାରାୟଣ ପା ମଞ୍ଚାସୀନ ଥିଲେ। ସେହିପରି ପ୍ରାଇଭେଟ୍ ସ୍କୁଲ ଆସୋସିଏସନ, ଲିଓ କ୍ଲବ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଇଂଜିନିୟରିଂ କଲେଜ ଅଧ୍ୟକ୍ଷ ଅଜୟ ମହାପାତ୍ର, ବିଜ୍ନେସ୍ ସ୍କୁଲ୍ ଅଧ୍ୟକ୍ଷ ଡ.କ୍ଷିରୋଦ କୁମାର ପ୍ରଧାନ, ଲ ସ୍କୁଲ୍ର ଅଧ୍ୟକ୍ଷ ଡ.ବିକ୍ରମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିକାଶ ଗ୍ରୁପ୍ର ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା



**ବରଗଡ଼,୨୨।୯ (ସମିସ):** ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ସାଂସଦ ସୁରେଶ ପୂଜାରୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୁକ୍ତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନବୀନ କୁମାର ପଟେଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଉପଜିଲ୍ଲାପାଳ ଶୁଭେନ୍ଦୁ କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଅରୁଣ କୁମାର ପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ମୁଖ୍ୟ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ‘ସିଡ୍ୟୁଲ-୧’ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପଦକ୍ଷେପ

# ପୁରୀ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ

ପୁରୀ,୨୨।୯(ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। କିନ୍ତୁ ସଚେତନତା ଅଭାବ ଏବଂ ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣି ନ ଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ଏ ନେଇ ‘ସକାଳ’ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପରେ ଓଡ଼ିଶା ବନ ବିଭାଗ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ଜବତ କରିବା ଦିଗରେ ଆଗ୍ରହ ଦେଖାଇଛି। ପ୍ରଥମଥର ପାଇଁ ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପି. ରାମାସ୍ୱାମୀ ଏ ଦିଗରେ ତତ୍ପରତା ଦେଖାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବୁଧବାର ପୁରୀ ବନ୍ୟପ୍ରାଣୀ ଡିଭିଜନ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ କରିଛି। ତେବେ କେଉଁଠାରୁ ବ୍ୟବସାୟୀମାନେ କୋରାଲ ପାଉଛନ୍ତି ଏ ଦିଗରେ ଅନୁସନ୍ଧାନ ଚାଲିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛିବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ରତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନ କାନୁନ ରହିଛି ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉ ନ ଥିବାରୁ ଶଙ୍ଖ, ଶାମୁକା ଭଳି ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେ ଧୀରେ ହଜିଯିବାକୁ ବସିଲେଣି। ତେବେ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସବୁଠୁ ଖୁସିର କଥା ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ବନ ବିଭାଗ ଏବେ ଆଗ୍ରହ ଦେଖାଇଛି। ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସହ ମିଶି ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। କେଉଁ ପ୍ରଜାତି କ’ଣ ବୋଲି ତାହା ସେମାନଙ୍କୁ ଚିହ୍ନାଯିବ।

ଗୋପାଳାପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ ଅନୀଲ ମହାପାତ୍ର କହିଛନ୍ତି, ପୁରୀ ବନ୍ୟପ୍ରାଣୀ ଡିଭିଜନର ଏହା ଏକ ଭଲ ପଦକ୍ଷେପ। ଓଡ଼ିଶାରେ ଏମିତି କୋରାଲ ଜବତ କରିବା ଦିଗରେ ବନ ବିଭାଗ ଆଗ୍ରହ ପ୍ରକାଶ କରିବା ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଏକ ଭଲ ସଙ୍କେତ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଗୋପାଳପୁର ବେଳାଭୂମିରେ ସିଡ୍ୟୁଲ-୧ ଶ୍ରେଣୀର ଗର୍ଗନିଆ ମଧ୍ୟ ଖୋଲାଖୋଲି ବିକ୍ରି କରାଯାଉଛି। ଗୋପାଳପୁର ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବ ବୋଲି ଆଶା କରୁଛୁ। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ବେଳଭୂମିରୁ ଏଭଳି ସାମୁଦ୍ରିକ ଜୀବଙ୍କ ବିକ୍ରି ବନ୍ଦ ହୋଇପାରିବ।




@PCCFWL_Odisha
@cmo_Odisha
@OdishaMarineWL
@AdityaPanda
@biswajitmohanty
ରାଜ୍ୟ ଖବର
ପୁରୀ ବେଳାଭୂମିରେ ‘ସିଡ୍ୟୁଲ-୧’ ଜୀବ ବିକ୍ରି
DFO PURI WL @dfopuriwl · 3h
Replying to @PrativaGhosh @PCCFWL_Odisha and 4 others
Today 6kg of Corals seized by Staffs of Puri WL divison which sold in Sea Beach, Puri. Enquiry is going on to trace out the source of corals.
@Puri_Official @PCCFWL_Odisha @AdityaPanda

‘ସକାଳ’ ପ୍ରଭାବ

## ଭୂମିହୀନ କୁଷ୍ଠ ରୋଗୀଙ୍କୁ ମିଳିବ ଘର ଡିହ

- ବସୁନ୍ଧରା ଯୋଜନାରେ ବ୍ୟବସ୍ଥା
- ରାଜ୍ୟ ବୈଷୟିକ କମିଟିରେ ସର୍ବମତ

ଭୁବନେଶ୍ୱର,୨୨।୯(ସମିସ): କୁଷ୍ଠ ରୋଗୀ କଲୋନୀରେ ରହୁଥିବା ଭୂମିହୀନ ପରିବାର ଗୁଡ଼ିକୁ ବସୁନ୍ଧରା ଯୋଜନାରେ ଘର ଡିହ ଯୋଗାଇ ଦିଆଯିବ। ସେଥିପାଇଁ ରାଜସ୍ୱ ବିଭାଗ ତରଫରୁ ଆଶ୍ୟକୀୟ ବିଜ୍ଞପ୍ତି ଜାରି କରିବାକୁ ସମ୍ପୃକ୍ତ ବିଭାଗକୁ ନିବଦେନ କରାଯାଇଛି। ସାମାଜିକ ସୁରକ୍ଷା ବିଭାଗ ତରଫରୁ କୁଷ୍ଠ ରୋଗୀଙ୍କୁ ଗ୍ରେଡ୍-୨ ଏମସିଆର୍ ଚପଲ ଦେବାକୁ ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମ୍ବଲପୁର ଓ ଭଦ୍ରକକୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିବା ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକିରଣ ବିଭାଗ, ରାଜ୍ୟ ବୈଷୟିକ କମିଟିର ୩ୟ ବୈଠକରେ ଆଲୋଚନା ହୋଇଛି। ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କୁଷ୍ଠ ରୋଗୀ ମୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଥଇଥାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନ ହୋଇଥିଲା।

ବିଭାଗର ଅତିରିକ୍ତ ଶାସନସଚିବ ଅଭୟ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମ ନିର୍ଦ୍ଦେଶକ ଡ. ନିରୋଜ କୁମାର ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା କୁଷ୍ଠରୋଗ ବିଭାଗର ସଞ୍ଚାଳକ ଡ. ରାଜେନ୍ଦ୍ର ପତି, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡ. ଡମ୍ବରୁଧର ଭୂୟାଁ ଯୋଗଦେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୁଷ୍ଠରୋଗ ବ୍ୟକ୍ତିମାନଙ୍କ କଲ୍ୟାଣ, ଥଇଥାନ ଓ ଚିକିତ୍ସା ନିମନ୍ତେ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନସଚିବ ସୁଶାନ୍ତ ମିଶ୍ର ଯୋଗଦେଇ କୁଷ୍ଠ କଲୋନୀ ମାନଙ୍କରେ ପାନୀୟ ଜଳ ଓ ପାଇଖାନା ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଉପ ଶାସନସଚିବ ଗୃହ ନିର୍ମାଣ ଯୋଜନାରୁ ଗ୍ରାମାଞ୍ଚଳରେ ଯେଉଁ କୁଷ୍ଠରୋଗୀ ପରିବାର ବାସଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଆଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦେବାକୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ଉଦ୍ୟମ କରିବ ବୋଲି କହିଥିଲେ। ତାଲିମପ୍ରାପ୍ତ କୁଷ୍ଠ କର୍ମୀମାନଙ୍କୁ ପ୍ରତ୍ୟେକ ବ୍ଲକ ଓ ନଗରପାଳିକାରେ ଥିବା ଡାକ୍ତରଖାନା ମାନଙ୍କରେ ନିଯୁକ୍ତି ଦେଇ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ କୁଷ୍ଠରୋଗୀଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଦିଲ୍ଲୀ ଓ ହରିୟାଣା ସରକାରଙ୍କ ପରି ମାସିକ ୫ଶହରୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ରାଜ୍ୟ ସଭାପତି ଉମେଶ ଚନ୍ଦ୍ର ନାୟକ ଦାବି କରିଥିଲେ। ବୈଠକରେ କମିଟିର ଆବାହକ ତଥା ସାମାଜିକ ସୁରକ୍ଷା ଅଧିକାରୀ ମୁଖ୍ୟାଳୟ, ସନ୍ନ୍ୟାସୀ ବେହେରାଙ୍କ ସମେତ କଟକ, ସମ୍ବଲପୁର, ବାରିପଦା, ବରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, ଖୋର୍ଦ୍ଧା ଆଦି ଜିଲ୍ଲାର କୁଷ୍ଠ କଲୋନୀ ପ୍ରତିନିଧିମାନେ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ତ୍ୱରାନ୍ୱିତ ହେବ ଆକାଂକ୍ଷୀ ଜିଲ୍ଲାର ବିକାଶ

ଭୁବନେଶ୍ୱର,୨୨।୯(ସମିସ): ଆକାଂକ୍ଷୀ ଜିଲ୍ଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ ମୁଖ୍ୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମୀନା ସାମଗ୍ରୀକ ଭାବେ ଆକାଂକ୍ଷୀ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବେ। ନିଜ ବିଭାଗର ସହିତ ଆକାଂକ୍ଷୀ ଜିଲ୍ଲାର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ମୀନା ରାଜ୍ୟ ସରକାର, ନୀତି ଆୟୋଗ ଏବଂ ସମ୍ପୃକ୍ତ ୧୦ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗ ରାଜ୍ୟ ନୋଡାଲ ଅଧିକାରୀ ଶ୍ରୀ ମୀନାଙ୍କୁ ସହାୟତା ପ୍ରଦାନ କରିବ। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ବଲାଙ୍ଗିର, ରାୟଗଡ଼ା, କୋରାପୁଟ, ଗଜପତି, ନୂଆପଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ଢ଼େଙ୍କାନାଳ ଓ ମାଲକାନଗିରି ଜିଲ୍ଲା ରହିଛି।

# ‘ଓଡ଼ିଶା-ମୋ ପରିବାର’ର ମହନୀୟତା

## ନୂଆଦିଲ୍ଲୀରୁ ଆସିଲା ଶ୍ରମିକଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୨୨।୯(ସମିସ): ଏକ ଦୁର୍ଘଟଣାର ଶିକାର ହୋଇ ନୂଆଦିଲ୍ଲୀରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ମୃତ ଦେହକୁ ଫେରାଇ ଆଣିବାରେ ସହଯୋଗ କରିଛି ‘ଓଡ଼ିଶା-ମୋ ପରିବାର’। ହସ୍ତଗତ ସୂଚନା ଅନୁସାରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତନୁପୁର ଗ୍ରାମର ୫୮ ବର୍ଷୀୟ ବିଚିତ୍ରାନନ୍ଦ ପାତ୍ର ନୂଆଦିଲ୍ଲୀରେ ରହି ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ୨୦ ତାରିଖରେ ଘରେ ପୂଜା କରୁଥିବା ସମୟରେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ସେଠାରେ ଆଇନଗତ ପ୍ରକ୍ରିୟା ଶେଷ କରି ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବିଚିତ୍ରାନନ୍ଦଙ୍କ ପରିବାର ଲୋକ ଅସମର୍ଥ ଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟକୁ ଆସିବା ପରେ ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଯାଇ ସହାୟତା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ଏବଂ ସେଠାରେ ଓଡ଼ିଶା-ମୋ ପରିବାରର ସଦସ୍ୟ ଅକ୍ଷୟ ସାମଲଙ୍କ ସହ ସମନ୍ୱୟ ରକ୍ଷା କରି ସ୍ୱର୍ଗତ ବିଚିତ୍ରନନ୍ଦଙ୍କର ନୂଆଦିଲ୍ଲୀ ଏମ୍ସରେ ଶବ ବ୍ୟବଛେଦ କରାଇଥିଲେ। ଓଡ଼ିଶା-ମୋ ପରିବାର ସମସ୍ତ ଖର୍ଚ୍ଚ ବହନ କରି ବିମାନରେ ମୃତଦେହ ଓଡ଼ିଶାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ନୂଆଦିଲ୍ଲୀରୁ ବିମାନରେ ମୃତଦେହ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲା। ଏଠାରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ଉପଦେଷ୍ଟା ସତ୍ୟଜିତ ଦାଶ, ସିଇଓ ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ମୃତଦେହ ଗ୍ରହଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ବିଚିତ୍ରାନନ୍ଦଙ୍କ ଅନ୍ତିମ ସଂସ୍କାର ପାଇଁ ପରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇଥିଲା।



## ଓମାନରୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଭୁବନେଶ୍ୱର,୨୨।୯(ସମିସ): ସୁଦୂର ଓମାନରେ ଫସିଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ତାଙ୍କ ଜନ୍ମ ମାଟିକୁ ଫେରାଇ ଆଣିବାରେ ସହାୟତାର ହାତ ବଢ଼ାଇଛି ଓଡ଼ିଶା-ମୋ ପରିବାର। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମର ପ୍ରଦୀପ ପାହନ ଓମାନ୍‌ର ରାଜଧାନୀ ମସ୍କାଟ୍‌ରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧୪ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ତାଙ୍କର ଶବ ବ୍ୟବଛେଦ ପରେ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ବାହାରିନ ଓଡ଼ିଶା-ମୋ ପରିବାର ସ୍ପକ୍ (ସିଙ୍ଗଲ୍ ପଏଣ୍ଟ ଅଫ୍ କଣ୍ଟାକ୍ଟ) ଡ଼ ଅରୁଣ ପ୍ରହରାଜ ଭାରତୀୟ ଦୂତାବାସ, ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଥିଲା। ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏହି ସୂଚନା ପାଇବା ପରେ ମୃତଦେହ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସହଯୋଗ ଲୋଡ଼ିଥିଲେ। ପରେ ପ୍ରଦୀପଙ୍କ ପାର୍ଥିବ ଶରୀର ଓମାନରୁ ଭାୟା ମୁମ୍ବାଇ ଦେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ବରିଷ୍ଠ ବିଜେଡି ନେତା ଭରଦ୍ୱାଜ ମିଶ୍ର, ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ରହି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଦୀପଙ୍କ ମୃତଦେହ ଗ୍ରହଣ କରିଥିଲେ। ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବା ପରେ ଏକ ଆମ୍ବୁଲାନ୍ସ ଯୋଗାଡ଼ କରାଯାଇ ତାଙ୍କ ଗ୍ରାମକୁ ପଠା ଯାଇଥିଲା।



## କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା

ଅତାବିରା,୨୨।୯(ସମିସ): ଅତାବିରା ବ୍ଲକ ଅନ୍ତର୍ଗତ ହିଲ୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରାର ଚାଷୀ ବୃନ୍ଦାବନ ଭୁଏ (୬୨) ମଙ୍ଗଳବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ଗୋଡଭଗା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିଲା; ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ମଝିଆ ପୁଅ ଗଣନାଥ ଭୁଏ କହିଛନ୍ତି। ଗତ ଖରିଫ ଋତୁରେ ପ୍ରାୟ ୧୦ ଏକର ନିଜ ଜମିରେ ଧାନ ଚାଷ କରିଥିଲେ। ଟୋକନ ସମସ୍ୟା କାରଣରୁ ତାଙ୍କର ୧୦୦ ବସ୍ତା ଧାନ ଆଜିଯାଏଁ ବିକ୍ରି ନ ହୋଇ ଖଳାରେ ପଡ଼ିରହିଛି। ଚାଷ ପାଇଁ ସୋସାଇଟିରୁ ୩ ଲକ୍ଷ ଟଙ୍କା ଋଣ ଏବଂ ମହାଜନୀ ଋଣକୁ ନେଇ ସେ ସର୍ବଦା ଚିନ୍ତିତ ଥିଲେ। ତେଣୁ ସେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପୁଅ ପ୍ରକାଶ କରିଛନ୍ତି। ତାଙ୍କର ୩ ପୁଅ ଓ ଦୁଇ ଝିଅ ଅଛନ୍ତି। ବଡପୁଅ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିବାବେଳେ ସାନପୁଅ ମାଟ୍ରିକ ପଢ଼ି ଘରେ ରହିଛନ୍ତି।

## ନବରଙ୍ଗପୁର ଜିଲ୍ଲା ବିଜେଡି କମିଟି କର୍ମକର୍ତ୍ତା ମନୋନୀତ

ଭୁବନେଶ୍ୱର,୨୨।୯(ସମିସ): ବିଜୁ ଜନତା ଦଳ ନବରଙ୍ଗପୁର ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ଜିଲ୍ଲା କମିଟିରେ ୧୨ ଜଣ ଉପସଭାପତି, ୧୩ ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଛି।

ହସ୍ତଗତ ସୂଚନା ଅନୁସାରେ ନବରଙ୍ଗପୁର ବିଜେଡି ଜିଲ୍ଲା କମିଟିରେ ଉପ ସଭାପତି ଭାବେ ବଦ୍ରିନାରାୟଣ ସିଂହ, ଝାଡ଼େଶ୍ୱର ମହାନ୍ତି, ମୋତିରାମ ନାୟକ, ରବି ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ମଧୁସୂଦନ ନାଗେଶ ଦାୟିତ୍ୱ ପାଇଛନ୍ତି। ସେହିପରି ଶୁକଦେବ ଗୋଣ୍ଡ, ରମେଶ ସାହୁ, ରଜନୀକାନ୍ତ ପଟ୍ଟନାୟକ, ଉଦ୍ଧବ ନାୟକ, ଇନ୍ଦ୍ର ଭତ୍ରା ଏବଂ ଦିବ୍ୟାନନ୍ଦ ସୁନାଙ୍କୁ ଉପ ସଭାପତି ଦାୟିତ୍ୱ ମିଳିଛି। ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଆଶିଷ ରଞ୍ଜନ ପଟ୍ଟନାୟକ, ପଦମ ମାଳି, ପ୍ରଫୁଲ୍ଲ ପଣ୍ଡା, ଏମ୍ ବୁଲୁ ରାଓ, ଅବ୍ଦୁଲ ତାଜୁଦ୍ଦିନ୍, ମୋହନ ମାଝୀ, ଡମ୍ବରୁ ଭତ୍ରା, ଜତୀନ୍ଦ୍ର ଗୋଣ୍ଡ, ମୋହନ ପ୍ରଧାନୀ, ସୁବୋଧ ଚନ୍ଦ୍ର ବେନିଆ, ବୀରସିଂ ମାଝୀ, ମୃତ୍ୟୁଞ୍ଜୟ ସିଂହ ଏବଂ ସାରସ ଚନ୍ଦ୍ର ଜାଲଙ୍କୁ ନିଯୁକ୍ତି ମିଳିଛି। ଅପରପକ୍ଷେ ନବ ନିଯୁକ୍ତ ସମ୍ପାଦକ ମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ତାରିକ୍ ହୁସେନ୍ ଖାନ୍, ସୁଧୀର ଖୁରା, ଯୁଗେଶ୍ୱର ନାଗ, ପ୍ରଶାନ୍ତ ସାହୁ, ସନ୍ତୋଷ ଷଡ଼ଙ୍ଗୀ, କମଳ ବଛର, ପ୍ରଣବ ଭୂୟାଁ, ଜଗା ଗୋଣ୍ଡ, ସହଦେବ ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ପରିଛା, ତ୍ରିନାଥ ଭଟ୍ଟ ଏବଂ ପଦ୍ମନ ସନ୍ତ ରହିଛନ୍ତି। ଚିତ୍ତ ରଞ୍ଜନ ଗୋଣ୍ଡ ଜିଲ୍ଲା କମିଟିରେ କୋଷାଧ୍ୟକ୍ଷ ଦାୟିତ୍ୱରେ ରହିବେ ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ଚୂଡ଼ାନ୍ତ ତାରିଖରେ ହଠାତ ପରିବର୍ତ୍ତନ
## ପ୍ରଫେସର ପଦ ପାଇଁ ଆବେଦନରୁ ବଞ୍ଚିତହେଲେ ପ୍ରାର୍ଥୀ

କଟକ,୨୨।୯(ସମିସ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ର ବିଚିତ୍ର ନିଷ୍ପତ୍ତି ଯୋଗୁଁ ବହୁ ପ୍ରାର୍ଥୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଥିବା ପ୍ରଫେସର ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ବଦଳରେ ସେପ୍ଟେମ୍ବର ୨୧ ତାରିଖକୁ ହ୍ରାସ କରାଯାଇଥିଲା। ଏ ସମ୍ପର୍କରେ ବହୁ ପ୍ରାର୍ଥୀ ଜାଣି ନଥିବା କହିଛନ୍ତି। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ ମଧ୍ୟ ଆବେଦନ ପତ୍ରକୁ ଚୂଡ଼ାନ୍ତ ଦାଖଲ କରିନାହାନ୍ତି। କିଛି ମଧ୍ୟ ଫି’ ଦେଇନାହାନ୍ତି। ଓପିଏସସିର ଏଭଳି ନିଷ୍ପତ୍ତି ଯୋଗୁଁ ପ୍ରଫେସର ପଦ ପାଇଁ ପରୀକ୍ଷା ଦେବାରୁ ଶତାଧିକ ପ୍ରାର୍ଥୀ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। କିଛି ପ୍ରାର୍ଥୀ ଓପିଏସ୍‌ସିର ଚେୟାରମ୍ୟାନ ସତ୍ୟଜିତ ମହାନ୍ତିଙ୍କୁ ଟୁଇଟ କରି ଅଭିଯୋଗ ଜଣାଇଛନ୍ତି। ଏନେଇ ଓପିଏସସି ସଚିବ ଅଶୋକ କୁମାର ଦାଶଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

ମିଳିଥିବା ସୂଚନା ମୁତାବକ, ଓପିଏସସି ପକ୍ଷରୁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରାୟ ୧୮୩ଟି ପ୍ରଫେସର ପଦ ପାଇଁ ଗତ ଜୁନ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୬ଟି ପ୍ରଫେସର ପଦ ରହିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩ଟି ପଦ ରହିଥିଲା। ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୨ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୨ଟି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୧୫ଟି, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୬ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୯ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୯ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୮ଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୬ଟି, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୭ଟି ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀମାନେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ, ପଞ୍ଜୀକରଣ ଏବଂ ଫି’ ପ୍ରଦାନ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଓପିଏସସି ପକ୍ଷରୁ ହଠାତ ତାରିଖରେ ପରିବର୍ତ୍ତନ କରାଯାଇଥିଲା।

■ ମିଶନ ଶକ୍ତି ବଦଳାଇଦେଲା ଭାଗ୍ୟ

# ଅଣ୍ଡାଦିଆ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ମହିଳା ଗୋଷ୍ଠୀ

ମୋହନା, ୨୨।୯(ସମିସ): ଦିନ ଥିଲା ଚୁଲି ମୁଣ୍ଡରେ ଜୀବନ ବିତୁଥିଲା; କିନ୍ତୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ଗାଁ ଦାଣ୍ଡକୁ ବାହାର କରିଛି। ମିଶନଶକ୍ତିର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା ଗୋଷ୍ଠୀ। ଏବେ କୁକୁଡ଼ା ଏବଂ ଅଣ୍ଡା ବିକ୍ରି କରି ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ ମଧ୍ୟ କରିପାରୁଛନ୍ତି। କ୍ଷେତ ମଝିରେ କୁକୁଡ଼ା ଫାର୍ମ ଏବଂ ଫାର୍ମଟିକୁ ଚଳାଉଛନ୍ତି କିଛି ମହିଳା।

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ଅନ୍ତର୍ଗତ ଉପାନ୍ତ ମୋହନା ବ୍ଲକର ପିଣ୍ଡିକି ଗ୍ରାମର ମା’ ସିଦ୍ଧେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ମିଶନଶକ୍ତି ଜରିଆରେ ଏବଂ ବ୍ଲକ ପ୍ରାଣୀସମ୍ପଦ ବିକାଶ ବିଭାଗର ସହାୟତାରେ ଏହି ସଫଳତା ପାଇପାରିଛନ୍ତି ମହିଳାମାନେ। କୁକୁଡ଼ା ଫାର୍ମ ଟି ନିର୍ମାଣ କରିବା ପାଇଁ ଖର୍ଚ୍ଚ ହୋଇଛି ଦୁଇ ଲକ୍ଷ ଟଙ୍କା। ସେଥିରୁ ଏକ ଲକ୍ଷ ଟଙ୍କାର ସରକାରୀ ରିଆତି ମିଳିଥିବା ବେଳେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କାର ଲୋନ୍ ଆଣିଛନ୍ତି ମହିଳା ଗୋଷ୍ଠୀ। ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ଭୁବନେଶ୍ୱରସ୍ଥିତ ଓଡ଼ିଶା ପୋଲଟ୍ରି ଫେଡରେସନ୍ ଲିମିଟେଡ୍, ରୋଡ୍ ଆଇଲାଣ୍ଡ ରେଡ୍ (ଆରଆଇଆର) ପ୍ରଜାତିର କୁକୁଡ଼ା ଯୋଗାଇ ଦେଇଛି। ସ୍ଥାନୀୟ ପ୍ରାଣୀ ସମ୍ପଦ ବିଭାଗ ପ୍ରତିଦିନ କୁକୁଡ଼ା ଗୁଡିକର ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକୀୟ ଔଷଧ ଏବଂ ଟିକା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଫାର୍ମରେ ୧୫୦ରୁ ଊର୍ଦ୍ଧ୍ୱ କୁକୁଡ଼ା ରହିଛନ୍ତି। ପ୍ରତ୍ୟେକ ଦିନ ୬୦ରୁ ୭୦ ଅଣ୍ଡା ଉତ୍ପାଦନ ହେଉଛି। ଅଣ୍ଡା ଗୁଡିକ ଦେଖିବା ପାଇଁ ଅବିକଳ ଦେଶୀ କୁକୁଡ଼ାର ଅଣ୍ଡା ଭଳି। ତେଣୁ ଏହାର ବଜାର ଚାହିଦା ମଧ୍ୟ ଭଲ ରହିଛି। ଗୋଟିଏ ଅଣ୍ଡା ୬ରୁ ୭ ଟଙ୍କାରେ ବିକ୍ରି କରାଯାଉଛି। ଏହାସହ ଗଞ୍ଜା କୁକୁଡ଼ାକୁ ଗୋଟା ପିଛା ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରାଯାଉଛ। ମୋହନା ସମେତ ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ଏବଂ ବ୍ରହ୍ମପୁର ବଜାରକୁ ବିକ୍ରି ପାଇଁ ପଠାଯାଉଛି ଅଣ୍ଡା। ମହିଳା ସଙ୍ଘର ସଦସ୍ୟାମାନେ ପ୍ରତ୍ୟେକ ଦିନ ପାଳିକରି କୁକୁଡ଼ା ଫାର୍ମକୁ ସଫାସୁତରା କରିବା ସହ କୁକୁଡ଼ାଗୁଡିକୁ ଦାନା ଏବଂ ପାଣି ଦେଇ ସେମାନଙ୍କ ଲାଳନପାଳନ କରୁଛନ୍ତି। ଦିନେ ଘର ଖର୍ଚ୍ଚ ପାଇଁ ମୁରବିଙ୍କ ହାତକୁ ଚାହିଁ ରହୁଥିବା ମହିଳାମାନେ ଏବେ ଅଣ୍ଡା ଏବଂ କୁକୁଡ଼ା ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି। ସିଦ୍ଧେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀର ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପାଇଁ। ଆଗକୁ କିଭଳି ଅଧିକରୁ ଅଧିକ ଏହି ଅଣ୍ଡାଦିଆ କୁକୁଡ଼ା ଚାଷ କରି ମହିଳାମାନଙ୍କୁ ଆର୍ଥିକ ରୋଜଗାରକ୍ଷମ କରାଯାଇପାରିବ ସେଥିନିମନ୍ତେ ପ୍ରୟାସ ଚାଲିଥିବା ସୂଚନା ଦେଇଛନ୍ତି ମୋହନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା। ଆଗାମୀ ଦିନରେ ଏହାର ସଫଳ ରୂପାୟନ ହୋଇପାରିଲେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ।





## ଗହନା ବଶିଷ୍ଟଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ



ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ। ରାଜ କୁନ୍ଦ୍ରାଙ୍କ ପୂର୍ବରୁ ଫେବୃଆରୀରେ ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ଗହନା ବଶିଷ୍ଠଙ୍କୁ ଗିରଫ କରାଯାଇଥିଲା। ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ତାଙ୍କ ବିରୋଧରେ ରୁଜୁ ଏଫଆଇଆରରେ ଗରିଫ ଭୟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ସେସନ କୋର୍ଟ ଏବଂ ବମ୍ବେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

## ଜମ୍ମୁ-କାଶ୍ମୀରର ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିଶ କ୍ରମେ ଏହି କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଭାରତୀୟ ପିଙ୍ଗଳ କୋଡର ଧାରା ୩୧୧ (୨)(c) ଅନୁଯାୟୀ ଏହି କମିଟି ଗଠନ ହୋଇଥିଲା। ଏହା ପୂର୍ବରୁ ଜୁଲାଇରେ ୧୧ ଜଣ କର୍ମଚାରୀଙ୍କୁ ଚାକିରୀରୁ ବିହିଷ୍କାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ମୁଜାହିଦ୍ଦିନର କମାଣ୍ଡର ସୟଦ ସଲାହୁଦ୍ଦିନଙ୍କ ପୁଅ ସାମିଲ ଥିଲା।

### କେନ୍ଦ୍ର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ।ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ



ଯୋଗ୍ୟତା ପର୍ଯ୍ୟାୟରେ ଫିଜିକାଲ ଫିଟନେସର ମାନଦଣ୍ଡ ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ଯେମିତି ପୁରୁଷ କ୍ୟାଡେଟଙ୍କ ପାଇଁ ମାନଦଣ୍ଡ ଅଛି ସେହିପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ତେବେ ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା।ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଚଳିତ ବର୍ଷ ଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବ। ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ଟାଳିବା ଏକ ସଠିକ୍ ସଙ୍କେତ ହେବ ନାହିଁ, ଏହାକୁ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କେନ୍ଦ୍ରକୁ କହିଛନ୍ତି।

## ଭାରତର ଚେତାବନୀ ପରେ କୋଭିସିଲ୍ଡକୁ ମଞ୍ଜୁରି ଦେଲା ବ୍ରିଟେନ

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି।ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ୍ୟ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍ ନେଇଥିଲେ ମଧ୍ୟ ଭାରତୀୟଙ୍କୁ ସଙ୍ଗରୋଧରେ

### ଟିକା ପ୍ରମାଣପତ୍ରକୁ ଦେଲାନି ସ୍ୱୀକୃତି

ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।

ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ଏୟାର ମାର୍ସାଲ୍ ଭିଆର୍ ଚୌଧୁରୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି



**■ ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା**

## ଆଉ ଜଣେ ବିଜେପି ନେତାଙ୍କ ମୃତ୍ୟୁ

**କଲକାତା,୨୨।୯(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ହୋଇଥିବା ହିଂସାରେ ଆହତ ହୋଇ ଚିକିତ୍ସିତ ହେଉଥିବା ମଥୁରାପୁର ବିଜେପି ଉପାଧ୍ୟକ୍ଷ ମାନସ ଶାହା ବୁଧବାର ପ୍ରାଣ ହରାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ଦିନ ଅର୍ଥାତ୍ ମେ' ୨ ତାରିଖରେ ମାନସ ଶାହା ସମେତ ବିଜେପି କର୍ମୀ ଓ ସମର୍ଥକଙ୍କ



ଉପରେ ତୃଣମୂଳ କଂଗ୍ରେସ(ଟିଏମସି) ସମର୍ଥକମାନେ ଆକ୍ରମଣ କରିଥିଲେ। ଡାଇମଣ୍ଡ ହାର୍ବର କଲେଜ ମତଗଣନା କେନ୍ଦ୍ରରୁ ଫେରିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ମାନସ ଗୁରୁତର ଅସୁସ୍ଥ ଥିଲେ।

ବିଜେପି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ମାନସ ଶାହାଙ୍କୁ ବୁଧବାର ସକାଳେ ଠାକୁରପୁକୁରର ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବିଜେପି ସାଂସଦ ଅର୍ଜୁନ ସିଂ ହସ୍ପିଟାଲରେ ପହଞ୍ଚି ତାଙ୍କ ପରିବାର ସଦସ୍ୟ ଓ ବିଜେପି କର୍ମଚାରୀଙ୍କ ସହ କଥା ହୋଇଥିଲେ। ବିଜେପି ନେତାଙ୍କ ପରିବାର ସଦସ୍ୟ ପୁଲିସ ଏଫଆଇଆର ଦାଖଲ କଲେ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଆଉ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ଏ ପର୍ଯ୍ୟନ୍ତ ମୋଟ ୩୯ ଏଫଆଇଆର ରୁଜୁ କରାଗଲାଣି।

## ଦିନକରେ ୨୬ ୯ ୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ଏହି ସମୟରେ ୩୮୩ଆକ୍ରାନ୍ତ ମଧ୍ୟ ପ୍ରାଣ ହରାଇଛନ୍ତି।ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ

- ସକ୍ରିୟ ରୋଗୀସଂଖ୍ୟା ୧୮୪ ଦିନରେ ସର୍ବନିମ୍ନ
- ଦୈନିକ ସଂକ୍ରମଣ ହାର ୧.୬୯%

ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ୍ୟ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର ୨.୦୮ ପ୍ରତିଶତ ରହିଛି। ଆରୋଗ୍ୟ ହାର ୯୭.୭୭ ପ୍ରତିଶତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୫୯୨୩୯୫ ନମୁନା ପରୀକ୍ଷା କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ ୫୫୬୭୫୪୨୮୨ ନମୁନା ପରୀକ୍ଷା କରାଗଲାଣି।

**■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ**

## ଆଫଗାନିସ୍ତାନ ଦେଇ ଗଲାନି ମୋଦୀଙ୍କ ବିମାନ



**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ୍ୟ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ)ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପିତ ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ୍ୟ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ ।ଏହା ବ୍ୟତୀତ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗାଙ୍କ ସହ ବ୍ୟକ୍ତିଗତ ଭାବେ ପ୍ରଥମ କ୍ୱାଡ ନେତା ଶିଖର ସମ୍ମିଳନୀରେ ସାମିଲ ହେବେ । ଏହି ସମ୍ମିଳନୀରେ ଚଳିତବର୍ଷ ମାର୍ଚ୍ଚରେ ହୋଇଥିବା ନିର୍ଣ୍ଣୟସଗୁଡ଼ିକର ପ୍ରଗତି ସଂକ୍ରାନ୍ତରେ ବିଚାରବିମର୍ଶ କରାଯିବ। ଏହା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ନିମନ୍ତେ ମିଳିତ ଦୃଷ୍ଟିକୋଣ ଆଧାରରେ ଭବିଷ୍ୟତ କାର୍ଯ୍ୟକଳାପର ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ ପାଇଁ ସୁଯୋଗ ପ୍ରଦାନ କରିବ ।ଏହି ଗସ୍ତରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋରିସନ ଓ ଜାପାନ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ମଧ୍ୟ ମୋଦୀ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କ ବାବଦରେ ତଥା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରିବେ।

### ୟୁଏନଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

# ସାଇପ୍ରସକୁ ନେଇ କଡ଼ା ଜବାବ ଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ) ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର




ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି ସେ କହିଥିଲେ।

ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ୍ୟ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

## ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ

**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।

ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ୍ୟ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA

# ସଂପାଦକୀୟ



ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି
-ବିଶ୍ୱବିଖ୍ୟାତ ଐତିହାସିକ ଆର୍‌ନଲ୍ଡ ଟୟନବି

## ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

# ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ପଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

## ପତ୍ନୀ ଧର୍ମ

ଜ୍ଞାନାଞ୍ଜନ
ପରିବ୍ରାଜକ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ର୍ୟତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ତାଲିବାନ୍ କବଳରେ ଆଫଗାନିସ୍ତାନ

# ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫ୍‌ଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହାଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୧୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫ୍‌ଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜଭୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡୁଛି। ଆଜିର ଆଫଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।


# 'ମୃତ-ସାଗର'ର ସଞ୍ଜୀବନୀ



ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨

ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବା ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବାବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।



ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସୂର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧି ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ ● ପାଉଣ୍ଡ ୧୦୧.୨୧
- ୟୁରୋ ୮୬.୯୦ ● ୟେନ୍ ୦.୬୬

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୬୦ (ଭୁବନେଶ୍ୱର)
- ରୁପା : ୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୮,୯୨୭.୦୦
- ନିଫ୍ଟି ୧୭,୫୪୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି

# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍‌ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବା ଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା | ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡ଼ିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କର ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି’ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ ୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।




## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିଦେଶୀ ନିବେଶକ ଏଲ୍‌ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ)ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍‌ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର୍) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନ୍‌ସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯(ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଜନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋୟଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେସ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋଡ୍ରକଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

**ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ**

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।





# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର ୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ



ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିବେ।

ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ(ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୯୭ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟ ଅକାଦେମି', 'ଅଣହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ସଂହତି ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖନୀୟ ଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

### ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ

# ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ

ଭୁବନେଶ୍ୱର,୨୨।୯ (ସମିସ): ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ କ୍ଷେତ୍ରରେ ଆସନ୍ତା ୧୦ ବର୍ଷରେ ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ। ଗ୍ରୁପ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ରଖିଥିବା ନିଜର ଲକ୍ଷ୍ୟ ସ୍ପଷ୍ଟ କରିବାକୁ ଯାଇ ଜେପି ମୋର୍ଗାନ୍ ଇଣ୍ଡିଆ ନିବେଶକ ସମ୍ମିଳନୀରେ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଏହା କହିଛନ୍ତି। ଗ୍ରୁପ ୨୦୨୫ ସୁଦ୍ଧା ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ୭୫ ପ୍ରତିଶତରୁ ଅଧିକ ପୁଞ୍ଜି ବ୍ୟୟ ଲକ୍ଷ୍ୟ ରଖିଛି। ଆସନ୍ତା ୪ବର୍ଷରେ ଗ୍ରୁପ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଉତ୍ପାଦନ କ୍ଷମତାକୁ ଦୁଇଗୁଣ କରିବ ବୋଲି କହିଛି। ବିଶ୍ୱର କୌଣସି ବି କମ୍ପାନୀ ଏହି ଭଳି ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିବନାହିଁ। କମ୍ପାନୀ ଏହି ଉତ୍ପାଦନ କ୍ଷମତାକୁ ୨୧ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ଘଟାଇଛି। ୨୦୩୦ ସୁଦ୍ଧା ଆଦାନୀ ପ୍ରଥମ ଭାରତୀୟ କମ୍ପାନୀ ଭାବେ ତାହାର ସମସ୍ତ ଡାଟା କେନ୍ଦ୍ରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା ପରିଚାଳିତ କରିବ।



ସ୍ୱାନ୍ ଡାଟା ସେଣ୍ଟର, ଇଣ୍ଡଷ୍ଟ୍ରିଆଲ କ୍ଲାଉଡ୍ ଏବଂ ଆଦାନୀ ଡିଜିଟାଲ ଲ୍ୟାବ୍ ଭଳି କେତେକ ଡିଜିଟାଲ ସମ୍ପର୍କିତ ଉଦ୍ୟୋଗ ଜରିଆରେ ଗ୍ରୁପ ଦେଶରେ ଡିଜିଟାଲ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଭାରତ କୋଭିଡ୍ ମହାମାରୀର ସବୁଠାରୁ ଖରାପ ସମୟ ମୁକାବିଲା କରିଛି। ଭାରତ ଯେଉଁଭଳି ଭାବେ ଏହାର ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେଇଛି ତାହା ଅତୁଳନୀୟ ବୋଲି ଆଦାନୀ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।



ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଲା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ■ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି

# ବେତନଟୀ ଷ୍ଟେସନରେ ୩ ଘଣ୍ଟା ଅଟକିଲା ଡିଏମୟୁ



ବେତନଟୀ,୨୨।୯ (ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ବେତନଟୀ ରେଳ ଷ୍ଟେସନରେ ୩ ଘଣ୍ଟା ଅଟକିଗଲା ବାଙ୍ଗିରିପୋଷି -ରୁପ୍ସା ମଧ୍ୟରେ ଚଳାଚଳ କରୁଥିବା ଡିଏମୟୁ ଟ୍ରେନ। ଧାର୍ଯ୍ୟ ସମୟ ଅନୁସାରେ ବୁଧବାର ଅପରାହ୍ନ ୧ଟା ୪୫ରେ ରୁପ୍ସା ଯିବାପାଇଁ ବେତନଟୀ ଷ୍ଟେସନରେ ପହଞ୍ଚିଥିଲା ଏହି ଡ଼ିଏମୟୁ ଟ୍ରେନ, ମାତ୍ର ଇଞ୍ଜିନରେ କୌଣସି ଯାନ୍ତ୍ରିକ ସମସ୍ୟା ପାଇଁ ଷ୍ଟାର୍ଟ ବନ୍ଦ ହୋଇଯିବା ସହିତ ଟ୍ରେନ ୩ଘଣ୍ଟାରୁ ଅଧିକ ସମୟ ଧରି ବେତନଟୀ ଷ୍ଟେସନରେ ଅଟକି ରହିଥିଲା। ଯଦ୍ୱାରା ଶତାଧିକ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଯାତ୍ରୀ ଅଟୋ ଏବଂ ବସ ଯୋଗେ ଯାଇଥିବା ବେଳେ ଅଧିକାଂଶ ଯାତ୍ରୀ ବେତନଟୀ ଷ୍ଟେସନରେ ଅଟକି ରହିଥିଲେ। ତେବେ ୩ଘଣ୍ଟା ଧରି ମରାମତି ପରେ ଅପରାହ୍ନ ୪ଟା ୪୮ ରେ ଡ଼ିଏମୟୁ ଟ୍ରେନ ନିଜର ଲକ୍ଷ୍ୟସ୍ଥଳ ରୁପ୍ସା ଅଭିମୁଖେ ଯାତ୍ରା କରିଥିଲା।


**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website "**www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷ୍ୟରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଊର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### ବଲାଙ୍ଗିରରେ ବିକାଶର...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୁଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ୨୪ରେ ସୃଷ୍ଟି ହେବ...

ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ।

୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ରଣକ୍ଷେତ୍ର ପାଲଟିଲା...

ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ବୁଧବାର ଏକ ଜନଶୁଣାଣି ଶିବିର ଆୟୋଜନ ହୋଇଥିଲା। ଉକ୍ତ ଶିବିରରେ ଉପଜିଲ୍ଲାପାଳ ଲଳିତ କୁମାର କହର , ଅତିରିକ୍ତ ଜିଲ୍ଲାପାଳ ଦେବେନ୍ଦ୍ର ପ୍ରଧାନ , ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରସନ୍ନ କରଙ୍କ ସହିତ ହିଣ୍ଡାଲ୍‌କୋ ଓ ମୈତ୍ରୀର ଉଚ୍ଚସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ୧୧ ଘଟିକା ସମୟରେ ସମାବେଶ ଆରମ୍ଭ ହୋଇଥିବା ବେଳେ ବିପକ୍ଷବାଦୀ ବହୁସଂଖ୍ୟାରେ ସଭାସ୍ଥଳକୁ ପଶି ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିଥିଲେ। ଯାହାଫଳରେ ଅଧିକାରୀମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଶତାଧିକ ବିପକ୍ଷବାଦୀ ଅଧିକାରୀଙ୍କୁ ଧସ୍ତାଧସ୍ତି କରିଥିଲେ ଏବଂ ସଭାସ୍ଥଳରେ ଥିବା ଚେୟାର, ଟେବୁଲ୍, ଟେଣ୍ଟ, ମାଇକ ସେଟ୍ ଆଦିକୁ ଭଙ୍ଗାରୁଜା କରିଥିଲେ। ପୁଲିସ୍ ଉକ୍ତ ଅଧିକାରୀମାନଙ୍କୁ ରକ୍ଷାକରି ସୁରକ୍ଷିତ ଭାବେ କୋରାପୁଟରେ ପହଞ୍ଚାଇଥିଲା।

ହିଣ୍ଡାଲ୍‌କୋର ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉପରେ କିଛିଲୋକ ଆକ୍ରମଣ କରିଥିବା ବେଳେ ସେ ଆହତ ହୋଇଥିବା ଜଣାପଡ଼ିଛି। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଜନଶୁଣାଣି ବାତିଲ ହୋଇଥିଲା। ଶତାଧିକ ସଂଖ୍ୟାରେ ବିପକ୍ଷବାଦୀ ଗୋଷ୍ଠୀର ଲୋକମାନେ ଉକ୍ତ ସ୍ଥାନରେ ହିଣ୍ଡାଲ୍‌କୋ , ମୈତ୍ରୀ, ଜିଲ୍ଲା ପ୍ରଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବକ୍ସାଇଟ୍ ଖନନ କରିବା ପାଇଁ ଦିଆଯିବ ନାହିଁ ଏବଂ ଏହି ପର୍ବତ ଅଞ୍ଚଳର ଆଦିବାସୀଙ୍କ ଜୀବନଜୀବିକା ହୋଇଥିବାରୁ ଏହି ପର୍ବତକୁ ବଞ୍ଚାଇ ରଖିବୁ ବୋଲି ଜଣାଇଛନ୍ତି। ଏହି ଅବସରରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ ସାମ୍ରାଦିକଙ୍କ ନିକଟରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ବକ୍ସାଇଟ୍ ଖନନ ସହ ବାହାର କମ୍ପାନୀକୁ ବିକ୍ରି କରିବା ପାଇଁ ଜିଲ୍ଲା ପ୍ରଶାସନ ଯୋଜନା କରିଛି। ରାଜନେତା, ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକ ପିତମ ପାଡ଼ି ବିକ୍ରି ହୋଇଥିବା ସେ ଅଭିଯୋଗ କରିଥିଲେ। ଚାରୋଟି ପଞ୍ଚାୟତର ୧୮ ଟି ଗ୍ରାମବାସୀଙ୍କ ସହିତ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ମଧ୍ୟ ବକ୍ସାଇଟ୍ ଖନନକୁ ବିରୋଧ କରି ଏହି ଜନ ଆନ୍ଦୋଳନରେ ସାମିଲ ହୋଇଥିବା ସେ କହିଥିଲେ। ଡାଲିଆମ୍ବ ନିକଟରେ ସପକ୍ଷବାଦୀ ଓ ବିପକ୍ଷବାଦୀ କିଛି ସମୟ ମୁହାଁମୁହିଁ ହୋଇଥିବା ବେଳେ ପୋଲିସ ଉଭୟଙ୍କୁ ବୁଝାଶୁଝା କରିଥିଲା। ଅତିରିକ୍ତ ପୋଲିସ ଅଧିକାରୀ ଉତ୍କଳ ରାଜନଙ୍କ ନେତୃତ୍ୱରେ ସେମିଳିଗୁଡା, ପଟାଙ୍ଗି , ନନ୍ଦପୁର , ପଡୁଆ ,ସୁନାବେଡା ,କୋରାପୁଟ ଥାନା ଅଧିକାରୀ ଏବଂ ୭ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ମାଳି ପର୍ବତ ଆଖ ପାଖ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ରହିଥିବାରୁ ପୋଲିସ୍ କଡ଼ା ନଜର ରଖିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନଶୁଣାଣି ଶିବିର ଆରମ୍ଭ କରିଥିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟିହୋଇଥିବା ବିପକ୍ଷବାଦୀ ଅଭିଯୋଗ କରିଥିବା ବେଳେ ବାହାର ଅଞ୍ଚଳର ଲୋକ ଆସି ଶିବିରରେ ପସି ଏହି ପରିସ୍ଥିତି ସୃଷ୍ଟି କରିଥିବା ସପକ୍ଷବାଦୀ ଓଲଟା ଅଭିଯୋଗ କରିଛନ୍ତି।

### ବନ୍ଧୁକ ତିଆରି...

ଏମାନଙ୍କୁ ବନ୍ଧୁକ ତିଆରି କରିବାକୁ ୮ରୁ ୯ ଦିନସମୟ ଲାଗୁଥିଲା। ଏହାକୁ ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ସମ୍ବଲପୁର ଜିଲ୍ଲାରେ ବେଆଇନ ଭାବେ ବନ୍ଧୁକ ତିଆରି ହେଉଛି। ପୁଲିସ କିନ୍ତୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉନି। ଏହା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲିଛି। ଏଭଳି ସ୍ଥଳେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଯୁଯୁମୁରା ଥାନା ପୁଲିସ ବାଧ୍ୟ ହୋଇ ଚଢଉ କରି ୨ଜଣଙ୍କୁ



ଗିରଫ କରିଛି। ତେବେ ବେଆଇନ ବନ୍ଧୁକ ତିଆରି କରୁଥିବା ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ତାକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢଉ ଜାରି ରଖିଛି। ଅନ୍ୟପଟେ ଏହି ୨ଜଣଙ୍କୁ ଗିରଫ କରି ପୁଲିସ କେବଳ ବାହାବାହା ନେଉଛି। ତେବେ ଏହି ବନ୍ଧୁକ ଗୁଡିକୁ ବ୍ୟବହାର କରି ଜଙ୍ଗଲ ଅଞ୍ଚଳରେ ରହୁଥିବା ଲୋକେ ପଶୁ ଶିକାର କରୁଥିବା ବେଳେ ପୁଲିସ ଓ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି।

### ଝାମ୍ପିନେଲେ ୩.୫୦ ଲକ୍ଷ

■ ଉଦଳା, ୨୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି। ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା। ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ। ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଟଙ୍କା ଉଠାଣର ସମୟ ଓ ବ୍ୟାଙ୍କ ସମ୍ମୁଖସ୍ଥ ସମସ୍ତ ସିସିଟିଭି ଫୁଟେଜ୍‌କୁ ପୁଲିସ ତଦନ୍ତ ପରିସରକୁ ନେଇଛି।


**AFFIDAVIT**

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

**AFFIDAVIT**

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At-Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

**ADVERTISEMENT**

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id- jssmayurbhanj@gmail.com and also submit your bio-data in our office **Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap) , Baripada, Mayurbhanj-757001 (Odisha)**

Chairman
Jan Shikshan Sansthan
Mayurbhanj



## ଘରଡିହ ଦଖଲ ନାଁରେ ୬ ବର୍ଷ ବିତିଲା

# ପଟ୍ଟା ଥାଇ ବି ଘର ତିଆରି କରିପାରୁନାହାନ୍ତି ହିତାଧିକାରୀ

**ବରପାଲି,୨୨।୯ (ସମିସ):** ବରପାଲି ବ୍ଲକ ବରମକେଲ ଗ୍ରିଣ୍ଡୋଲା ଗ୍ରାମରେ ସରକାରୀ ଜମିପଟ୍ଟା ପାଇଥିବା ହିତାଧିକାରୀ ଗତ ୬ ବର୍ଷ ହେଲା ଜମିଦଖଲ ନାଁରେ କେବଳ ସରକାରୀ ଦପ୍ତର ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ରାଜସ୍ୱ ବିଭାଗ ପକ୍ଷରୁ ଗରିବ ବାସହୀନଙ୍କୁ ଥଇଥାନ ନିମନ୍ତେ ସହାୟତା ଯୋଗାଇ ଦେବା ନାଁରେ ବହୁ ହିତାଧିକାରିଙ୍କୁ ଗାଁରେ ଚାରି ଡ଼ିସମିଲ ଲେଖାଏଁ ଜମି ମାଲିକାନା ପଟ୍ଟା ଯୋଗାଇ ଦିଆଯାଇଥିଲା; ହେଲେ ବାସହୀନମାନେ ଆଜି ପର୍ଯ୍ୟନ୍ତ ଜମିଦଖଲ କିମ୍ବା ଠିକ୍‌ଭାବେ ମାଲିକାନାତ୍ୱ ପାଇନାହାନ୍ତି। ଏ ନେଇ ହିତାଧିକାରୀମାନେ ବିଭିନ୍ନ ସମୟରେ ରାଜସ୍ୱ ବିଭାଗ ସହ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି; କିନ୍ତୁ କୌଣସି ଫଳ ମିଳିନାହିଁ। ଗତ ୨୦୧୫ ଫେବୃୟାରୀ ୧୧ରେ ଲିଖିତଭାବେ ଆବେଦନ କରାଯାଇଥିଲା; କିନ୍ତୁ କୌଣସି ସହାୟତା ମିଳିନାହିଁ କେବଳ ପ୍ରତିଶ୍ରୁତି ମିଳିଥିଲା। ହିତାଧିକାରୀଙ୍କ କହିବାନୁଯାୟୀ ପୂର୍ବରୁ ଘର ନିର୍ମାଣ ସକାଶେ ଆମକୁ ରାଜସ୍ୱ ବିଭାଗ ଚାରି ଡିସମିଲ ଲେଖାଏଁ ଜମିପଟ୍ଟା ଦେଇ ଘର ନିର୍ମାଣ ନିମନ୍ତେ ସହାୟତା ମଧ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ। ହେଲେ ବିଭାଗ ଆଜି ପର୍ଯ୍ୟନ୍ତ ପଟ୍ଟାଧାରୀଙ୍କୁ ମିଳିଥିବା ଘରର ଡ଼ିହ ଚିହ୍ନଟ ପ୍ରକ୍ରିୟା ମଧ୍ୟ କରିପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ କଲେ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଉଛନ୍ତି। କେବଳ ସରକାରୀ ତରଫରୁ ମିଳିଥିବା ଜମିପଟ୍ଟାକୁ ଧରି ଘର ନିର୍ମାଣ ଆଶାରେ ଅପେକ୍ଷା କରି ରହିଛନ୍ତି।

## ଟିକାକରଣରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦାବି

**ଜୟପାଟଣା,୨୨।୯ (ସମିସ):** କୋଭିଡରୁ ରକ୍ଷା ପାଇବା ପାଇଁ ସାରା ରାଜ୍ୟରେ ଟିକାକରଣ ଜାରି ରହିଛି। ଜୟପାଟଣା ବ୍ଲକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଜୟପାଟଣା ଓ ରଣମାଳ ଉଛୁଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଚାଲିଛି। ବ୍ଲକରେ ୫୦ହଜାର ପ୍ରଥମ ଡୋଜ୍ ଓ ୨୦ହଜାର ଦ୍ୱିତୀୟ ଡୋଜ୍ ନେଇ ସାରିଲେଣି। କିନ୍ତୁ ରଣମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବାକୁ ଲୋକଙ୍କ ପ୍ରବଳ ଭିଡ଼ ଲାଗିରହିଛି। ଏହି ସେଣ୍ଟରକୁ କଲମପୁର, କୋକସରା, ଜୁନାଗଡ଼ ବ୍ଲକର ଲୋକ ଆସି ଟିକା ନେଉଥିବାବେଳେ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଭୋର ଆସି ଭିଡ ଜମାଉଥିବାବେଳେ ସ୍ଥାନୀୟଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ଏନେଇ କୋଭିଡ ଟିକାକରଣ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ସମସ୍ତଙ୍କୁ ଟିକା ଦେବାରେ କୋଣସି ଅସୁବିଧା କିମ୍ବା ଅନ୍ୟାନ୍ୟ ଅଭିଯୋଗ ନାହିଁ କେବଳ ସ୍ଥାନୀୟ ଲୋକଙ୍କ ପାଇଁ ସପ୍ତାହରେ ଦିନେ କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଛି। ଏ ଦିଗରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହୋଇଛି।

## ଜିଲ୍ଲା କଂଗ୍ରେସର ପ୍ରତିବାଦ ସଭା

**ବଲାଙ୍ଗିର,୨୨।୯ (ସମିସ):** ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ ସମୟରେ ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରତିବାଦ ସଭା ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ବାଏପାସ ନିର୍ମାଣ, ହାଇକୋର୍ଟ ବେଞ୍ଚ ସ୍ଥାପନ, ଡବ୍ଲୁଡିଏସି ମୁଖ୍ୟାଳୟ ବଲାଙ୍ଗିରରେ ସ୍ଥାପନ, ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ, ମରୁଡ଼ି ଘୋଷଣା କରିବା, କୃଷିଋଣ ଛାଡ କରିବା, ଶିକ୍ଷକ ଅଧ୍ୟାପକ ପଦ ପୂରଣ କରିବା, ଦେବୋତ୍ତର ଜମି ପାଇଁ ସ୍ୱତନ୍ତ୍ର ଅନୁଦାନ, ସମସ୍ତ ଧର୍ମର ପୂଜାସ୍ଥଳକୁ ସ୍ୱତନ୍ତ୍ର ଅନୁଦାନ କରି ତାର ବିକାଶ କରାଇବା, ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା, ଭୂମିହୀନଙ୍କୁ ଜମି ଓ ଘର ଯୋଗାଇ ଦେବା, ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ବିଜୟାନନ୍ଦ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ଆଦି ଦାବି କରିଥିଲେ। ଏହିସବୁ ଦାବିକୁ ସରକାର ଗ୍ରହଣ ନ କରେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନ କରିବେ ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଜିଲ୍ଲା ଉପ-ସଭାପତି ମନୀଷ ମିଶ୍ର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ନୂଆ ସାପ୍ତାହିକ ବଜାର ଉଦ୍‌ଘାଟିତ

**ଦେବଗଡ଼,୨୨।୯ (ସମିସ):** ବାରକୋଟ ବ୍ଲକ କଣ୍ଟାପାଲି ପଞ୍ଚାୟତର ଡଙ୍ଗପାଳ ଗ୍ରାମରେ ବୁଧବାର ଏକ ନୂତନ ସାପ୍ତାହୀକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଅଞ୍ଚଳବାସୀଙ୍କ ଦ୍ୱାରା ବହୁ ପ୍ରତୀକ୍ଷିତ ଏହି ସାପ୍ତହୀକ ବଜାରକୁ ଆଜି ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ କଣ୍ଟାପାଲି ସରପଞ୍ଚ ମନ୍ଦାକିନୀ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାପାଲି ପଞ୍ଚାୟତର ନିର୍ବାହୀ ଅଧିକାରୀ ରାଜେଶ କୁମାର ପ୍ରଧାନ ଓ ନାଏବ ସରପଞ୍ଚ କୁଶଧ୍ୱଜ ମୁଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଦସ୍ୟ ସଞ୍ଜୟ କୁମାର ବେହେରା, ହୀରାଲାଲ ସାହୁ,ବିଶ୍ୱନାଥ ପ୍ରଧାନଙ୍କ ସମେତ ଡଙ୍ଗାପଲ ଓ ମାକରମୁଣ୍ଡା ଗ୍ରାମର ବହୁ ଗ୍ରାମବାସୀ ଯୋଗଦେଇ ଥିଲେ। ବାରକୋଟ ବ୍ଲକର କଣ୍ଟାପାଲି, ଦନ୍ତାରୀବାହାଳ ଓ ରମ୍ଭେଇ ପଞ୍ଚାୟତବାସୀଙ୍କ ସମେତ ତିଲେଇବଣି ବ୍ଲକ ଲଇମୁରା, ପାରପୋଶି, ଡିମ୍ବିରିକୁଦା, ଗଣ୍ଡମ, ଝରାଗୋଗୁଆ ଓ ଝାରମୁଣ୍ଡା ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ସୁବିଧା ଏବଂ ଯାତାୟାତ ଦୃଷ୍ଟିରୁ ଡଙ୍ଗାପଲ-ଲଇମୁରା ରାସ୍ତାକୁ ସଂଯୋଗ କରୁଥିବା ଡଙ୍ଗାପାଳ ରସ୍ତା ନିକଟରେ ଏହି ସାପ୍ତାହୀକ ବଜାର ବସାଇବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ବୋଲି ସରପଞ୍ଚ ବେହେରା ପ୍ରକାଶ କରିଛନ୍ତି।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକସଭା

**ରେଙ୍ଗାଲି,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ତରଫରୁ ଶିକ୍ଷାବିତ ଦୁର୍ଗା ପ୍ରସାଦ ନାୟକଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକ ସଭାରେ ଉଦୟ ଚନ୍ଦ୍ର ସାହୁ, କିଶୋର ସାହୁ, ସୁବଞ୍ଚାନ୍ଦ ସାହୁ, ବିହାର କୁମାର, ନିରୋଦ କୁମାର ସିଂଦେଓ, ଜଗନ୍ନାଥ ପଣ୍ଡା, ଅନ୍ତର୍ଯ୍ୟାମୀ ପାଣି, ଶ୍ରୀପତି ଷଣ୍ଢ, ଗଜପତି ଧାରୁଆ, ଅଚ୍ୟୁତାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଉରକେଲା ସାଂଗଠନିକ ଜିଲ୍ଲା

# ଛକାପଞ୍ଝା ରାଜନୀତିରେ ବିଜେଡିର ମାଷ୍ଟର୍‌ଷ୍ଟ୍ରୋକ୍

**ରାଉରକେଲା, ୨୨।୯ (ସମିସ):** ଆଗକୁ ରହିଛି ପଞ୍ଚାୟତ ନିର୍ବାଚନ ଏବଂ ସମ୍ଭାବ୍ୟ ପୌର ନିର୍ବାଚନ। ଏହି ପରିପ୍ରେକ୍ଷୀରେ ଛକାପଞ୍ଝା ରାଜନୀତି ଭିତରେ ଚାଲିଛନ୍ତି ରାଉରକେଲା ସାଂଗଠନିକ ଜିଲ୍ଲାରେ ସବୁ ପ୍ରମୁଖ ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳ। ବିଜେପି ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟତମ ହେବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସେହିପରି ରାଉରକେଲାର ବିଭିନ୍ନ ଦୁର୍ନୀତିକୁ ଇସ୍ୟୁ କରି ଲୋକଙ୍କ ଭିତରେ ଚର୍ଚ୍ଚିତ ରହିବା ପାଇଁ ଜିଲ୍ଲା କଂଗ୍ରେସ ବି କୌଣସି ଗୁଣରେ ପଛରେ ପଡ଼ିନାହିଁ।

ସୁନ୍ଦରଗଡ଼ ଜିଲ୍ଲାରେ ୨ରୁ ଅଧିକ ବିଧାନସଭା ଆସନ ହାସଲ କରିପାରି ନଥିବା ବିଜେଡି ଏଥର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ନାମରେ ଖେଳିଛି ମାଷ୍ଟର ଷ୍ଟ୍ରୋକ୍। ସଂସଦୀୟ କ୍ଷେତ୍ରରେ ମଧ ତିନିଥର ବିନା ମେଣ୍ଟରେ ନିର୍ବାଚନ ଲଢ଼ି ଜିତି ପାରି ନଥିବା ବିଜେଡି ୨୦୦୦ରୁ ବିଧାନସଭା ନିର୍ବାଚନ ରାଜନୀତିରେ ସର୍ବବ୍ୟାପୀ ହୋଇପାରିନାହିଁ। ଏବେ ଅନ୍ୟୂନ ୫ ହଜାର କୋଟି ଟଙ୍କାର ପ୍ରକଳ୍ପ, ମୁଖ୍ୟମନ୍ତ୍ରୀଙ୍କ ମାଷ୍ଟରଷ୍ଟ୍ରୋକ୍ ମାଧ୍ୟମରେ ବିଜେଡି ସଂଖ୍ୟା ହାସଲ କରିବାକୁ ଚେଷ୍ଟା କରିଛି।

'ମାଟି ଆଗ ପାର୍ଟି ପଛ' ବୋଲି ସ୍ୱର ଉତ୍ତୋଳନ କରୁଥିବା ଦିଲ୍ଲୀପ ରାୟ ରାଜନୀତି ପଶାପାଲିରେ କୋଣଠେସା ହେଲା ପରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଛକାପଞ୍ଝା ରାଜନୀତି ଜୋର୍ ଧରିଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସରକାରଙ୍କ ପଦପଦବୀରେ ଆସୀନ ହୋଇ ପ୍ରତିଦ୍ୱନ୍ଦ୍ୱିତାକୁ ତୀବ୍ରତର କରିବାରେ ଲାଗିଛନ୍ତି।

ସୁପର ସ୍ପେସାଲିଷ୍ଟ ହସ୍ପିଟାଲରେ ରାଜ୍ୟ ସରକାର କୋଭିଡ ହସ୍ପିଟାଲ ପରିଚାଳନା କରିବା, ପୂର୍ବତନ କେନ୍ଦ୍ର ଇସ୍ପାତମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ "ସାରଦା ଭାଇ, ଲଡୁଆ ଲୋକ ତାଙ୍କ ଗାଳି ଦେବାର ଅଧିକାର ଅଛି" କହିବା, ସେକ୍ଟର-୨୨ କୋଭିଡ କେୟାର ହୋମ୍ ଉଦଘାଟନୀ ସମାରୋହରେ ସ୍ଥାନୀୟ ବିଧାୟକ ସୁବ୍ରତ ତରାଇଙ୍କ ନାମକୁ ନାମଫଳକରେ ନ ରଖାଯିବା ଘଟଣାକୁ ନେଇ ବିଜେପି-ବିଜେଡି ଛକାପଞ୍ଝା ଜୋର୍‌ସୋର୍‌ରେ ଚାଲିଛି। ଏପରିକି ନିଜ ଜନ୍ମଦିନ ପାଳନ କରି ନିଜ ଲୋକପ୍ରିୟତାକୁ ଜାହିର କରିବାରେ କୌଣସି ଗୁଣରେ ପଛରେ ପଡି ନଥିଲେ ସାରଦା। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନ ପରେ ସୁବ୍ରତ ନିର୍ବାଚନମଣ୍ଡଳୀ ଛାଡ଼ିବା ଏବଂ ବର୍ଷ ବର୍ଷ ଧରି ଭୁବନେଶ୍ୱରରେ ରହିବାକୁ ନେଇ ତାଙ୍କ କର୍ମୀମାନେ କେହି ହଜମ କରି ପାରୁନାହାନ୍ତି।

ସାରଦା ନାୟକ ୨୦୦୪ରୁ ବିଧାୟକ ଭାବେ ନିର୍ବାଚିତ ହେଲାପରେ ୨୯ ମିଡ୍‌ନାଇଟ୍ ଅପରେସନ ପରେ ଦଳରେ ତାଙ୍କ ପ୍ରଭାବ କମିଥିବା ପରିଲକ୍ଷିତ ହୁଏ। ସୁନ୍ଦରଗଡ଼ ଜିଲ୍ଲାର ସାଂଗଠନିକ ଦାୟିତ୍ୱ ବହୁବାର ଦିଆଯିବା ସହ ବର୍ତ୍ତମାନ ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ପଦ ସାରଦାଙ୍କୁ ଦିଆଯାଇଛି। ହକିର ଏଣ୍ଡୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିତ ଦାସ, ଦୀପଗ୍ରେସ ଏକ୍କା ଓ ପ୍ରମୁଖ ଅଲିମ୍ପିକ୍ସ ଖେଳି ୪୧ ବର୍ଷ ପରେ ପଦକ ନେଇ ଫେରିବା ସମୟରେ ରାଉରକେଲା ଠାରେ ଦେଶର ସର୍ବ ବୃହତ ହକି ଷ୍ଟାଡିୟମ୍ ଓ ବିଭିନ୍ନ ବ୍ଲକରେ ୧୭ ଟି ଆଷ୍ଟ୍ରୋଷ୍ଟ୍ରଫ ବିଛାଯିବାର ପ୍ରଭାବ ମଧ୍ୟ ଦଳ ସପକ୍ଷରେ ଯାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି।

ସମାନ୍ତରାଳ ଭାବେ ବିଜେପି ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ଦଳର ରାଜ୍ୟ ସଭାପତି, ଜାତୀୟ ଉପସଭାପତି ତଥା ବିଭିନ୍ନ ପ୍ରଦେଶର ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମନ୍ତ୍ରୀମଣ୍ଡଳରୁ ବାଦ୍ ପଡିବା ଓ ପରବର୍ତ୍ତୀ ସମୟରେ ଧର୍ମେନ୍ଦ୍ରଙ୍କ ପରୋକ୍ଷ ସମର୍ଥନରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ଜୁଏଲ ଓରାମଙ୍କ ଏକାନ୍ତ ଅନୁଗତ ଲତିକା ପଟ୍ଟନାୟକଙ୍କୁ ପାନପୋଷ ସାଂଗଠନିକ ଜିଲ୍ଲା ସଭାନେତ୍ରୀ ଦାୟିତ୍ୱ ଦିଆଯିବା ପରେ ବଢ଼ିଛି ଗୋଷ୍ଠୀ କନ୍ଦଳ। ଦଳର ବିଧାୟକ ପ୍ରାର୍ଥୀ ନିହାର ରାୟ, ଜଗବନ୍ଧୁ ବେହେରା ଓ ରାଜ୍ୟ ସମ୍ପାଦକ ଧୀରେନ ସେନାପତିଙ୍କ ମଧ୍ୟରେ ଯୋଗସୂତ୍ର ଅଭାବରୁ ଦଳର ସାଂଗଠନିକ ଶକ୍ତି ବୃଦ୍ଧି ପାଇଁ କାମ କରିବା ପରିବର୍ତ୍ତେ କିଏ ସାଂସଦଙ୍କ ଆଧିପତ୍ୟ ବିସ୍ତାର ପାଇଁ କାମ କରୁଛନ୍ତି ତ କିଏ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପତିଆରାକୁ ଜାହିର କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ସାଂସଦ ଓ ଦଳୀୟ ୩ ବିଧାୟକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ନ ଥିବା ପରିଲକ୍ଷିତ ହୁଏ। ଦଳର ଜଣେ ବିଧାୟକ ଆରଏସପି ବ୍ୟାପାରରେ ମୁଣ୍ଡ ଖେଳାଉଥିବା ବେଳେ ମନ୍ତ୍ରୀଙ୍କ ବିଭାଗ ବଦଳ ପରେ ଏଥିରୁ ସେ ସାମୟିକ କ୍ଷାନ୍ତ ହୋଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦଳ ଦିନକୁ ଦିନ ରସାତଳଗାମୀ ହେଉଥିବା ବେଳେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ କଂଗ୍ରେସର ସଭାପତି ଦାୟିତ୍ୱ ନେଲା ପରେ ସଂଗଠନକୁ ମଜବୁତ କରିବା ପାଇଁ ବିଜେଡିର ବାଟ ଓଗାଳିବାକୁ ଲୋକ ଦେଖାଣିଆ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ନେଉଥିଲେ ମଧ୍ୟ ଆନ୍ତରିକତା ନ ଥିବାର ଦେଖାଯାଏ। ତେଣୁ ରାଜ୍ୟ ନେତୃବୃନ୍ଦ ଭୂତପୂର୍ବ ଜିଲ୍ଲା ସଭାପତି ତଥା ନବନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରବି ରାୟଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ବହୁ ପୁରୁଖା କଂଗ୍ରେସ ନେତା ମତବ୍ୟକ୍ତ କରନ୍ତି। ଦୁଇ ଗୋଷ୍ଠୀ ମଧ୍ୟରେ ବହୁ ସମୟରେ ସମାନ୍ତରାଳ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଓ ରବି ରାୟଙ୍କ ଅନୁଗତମାନଙ୍କୁ ଦଳରୁ ବାହାର ରାସ୍ତା ଦେଖାଇବାକୁ ନେଇ ପରବର୍ତ୍ତୀ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସ୍ଥିତିରେ ଅଛନ୍ତି। ସେହିପରି ପ୍ରଭାତ ମହାପାତ୍ରଙ୍କୁ ଦଳ କୋଣଠେସା କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଦଳର କର୍ମୀମାନେ। ତେଣୁ କଂଗ୍ରେସର ପ୍ରଗତିର ରଥକୁ ଅଟକାଇବାକୁ ଦଳର ବିଭିନ୍ନ ସ୍ତରରୁ ଉଦ୍ୟମ ହେବା ଏବଂ ପରୋକ୍ଷରେ ରାଜ୍ୟ ନେତୃତ୍ୱ ସାହାଯ୍ୟ କରିବା ଗୋଷ୍ଠୀ କନ୍ଦଳକୁ ତୀବ୍ର କରିବ ବୋଲି ଆଶା କରାଯାଏ। ସୁତରାଂ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଏତାଦୃଶ ଛକାପଞ୍ଝା ରାଜନୀତି ଆଗାମୀ ଦିନରେ ରାଉରକେଲା ତଥା ଜିଲ୍ଲା ରାଜନୀତିକୁ କେଉଁ ଆଡକୁ ନେଉଛି, ତାହା ଦେଖିବାକୁ ବାକି ରହିଲା।

**ବିଜେପି ଓ କଂଗ୍ରେସର ରଣନୀତି ପ୍ରସ୍ତୁତି ଆରମ୍ଭ**

# ବିଶିଷ୍ଟ ସାହିତ୍ୟବିତ୍ ହୃଦମଣି ପ୍ରଧାନଙ୍କ ବିୟୋଗ



**ବିଭିନ୍ନ ମହଲରେ ଶୋକ**

**ବରଗଡ଼,୨୨।୯ (ସମିସ):** ବୁଧବାର ଅପରାହ୍ନରେ ଘେଁସ ଅଞ୍ଚଳ ବନ୍ଧପାଲି ମୂଳନିବାସୀ ଭାଷାବିତ ପ୍ରଫେସର ହୃଦମଣି ପ୍ରଧାନ (୮୧)ଙ୍କ ଗୋବିନ୍ଦପାଲି ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପାଇ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପି ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ନିପନ ଦାସ, ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପତିତପାବନ ସାହୁ, ମହିଳା ବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସୁନିଲ କୁମାର ଦେବତା, ପ୍ରାଧ୍ୟାପକ ପ୍ରଦୀପ ହୋତା, ସହରର ପ୍ରମୁଖ ସାହିତ୍ୟବିତ, ଶିକ୍ଷାବିତ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ। ପ୍ରଫେସର ହୃଦମଣି ପ୍ରେରଣା ଦାୟୀ ପ୍ରତିଭା ଥିଲେ। ସମ୍ବଲପୁରୀ ସାହିତ୍ୟ ସାଧକଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ। ସମ୍ବଲପୁରୀ ସାହିତ୍ୟକୁ ପ୍ରତିକୂଳ ଅବସ୍ଥା ମଧ୍ୟରେ ସେ ଦୃଢ଼ତାର ସହ ସାଧନାରେ ନିମଗ୍ନ ଥିଲେ। ସେ ଜଣେ ସଫଳ ଇଂରାଜୀ ଅଧ୍ୟାପକ ହେବା ସଙ୍ଗେ ସଙ୍ଗେ ନାଟ୍ୟକାର, ପ୍ରାବନ୍ଧିକ ଓ ଗବେଷକ ଥିଲେ। ଲୋକ ସାହିତ୍ୟ, ଲୋକ ନାଟକ, ଲୋକ ପରମ୍ପରା ଓ ଲୋକ ସଂସ୍କୃତିକୁ ଗବେଷଣା କରି ମୁଖ୍ୟସ୍ରୋତରେ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଆସିଛି। ୧୯୭୭ ମସିହାରୁ ଏ ଯାଏଁ ପ୍ରାୟ ୩୦ ଖଣ୍ଡ ବହି ତାଙ୍କର ପ୍ରକାଶିତ ହୋଇଛି। କରମସାନି, ଦଣ୍ଡ, ସଞ୍ଚାର ଆଦି ବିଭାଗରେ ସର୍ବପ୍ରଥମେ ଏକ ଶୃଙ୍ଖଳିତ ଗବେଷଣା କରିବାର ଧାରା ସେ ଆରମ୍ଭ କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଅଶୀ ଦଶକରେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଗବେଷଣା ସମ୍ବଳିତ ପ୍ରବନ୍ଧ ପରବର୍ତ୍ତୀ ଗବେଷକଙ୍କ ପାଇଁ ଏକ ପ୍ରଶସ୍ତ ମାର୍ଗ ସୃଷ୍ଟି କରିପାରିଛି। ତାଙ୍କର ଅବର୍ତ୍ତମାନରେ ଓଡ଼ିଆ ସାହିତ୍ୟକାଶର ବିଶେଷତଃ ସମ୍ବଲପୁରୀ ସାହିତ୍ୟର ଜଣେ ଲବ୍ଧ ପ୍ରତିଷ୍ଠିତ ବିଦ୍ୱାନଙ୍କୁ ଆଜି ବରଗଡ଼ ମାଟି ହରାଇଲା ବୋଲି ମତ ପ୍ରକାଶ ପାଇଛି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସ୍ଥାନୀୟ ଜୀରା ନଦୀ କୂଳ ଶ୍ମଶାନରେ ସମ୍ପନ୍ନ ହୋଇଛି। ପୁଅ ସୌଭାଗ୍ୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ରାସ୍ତା ସମ୍ପ୍ରସାରଣ ଦାବି



**ସମ୍ବଲପୁର,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ ପଞ୍ଚାୟତ ପଡ଼ାକୁ ରାସ୍ତା ସମ୍ପ୍ରସାରଣ ପ୍ରଦାନ ଦାବିରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍କୁଲ ପାଚେରି ନିର୍ମାଣକୁ ବିରୋଧ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ପଡ଼ା ହୀରାକୁଦ ବିସ୍ଥାପିତକୁ ନେଇ ହୋଇଛି। ୧୯୫୪ ମସିହାରୁ ପଡ଼ାବାସୀ ଏଠାରେ ରହି ଆସୁଛନ୍ତି। ତେବେ ୧୯୭୪ ମସିହାରେ ସିନ୍ଦୁରପଙ୍କ ହାଇସ୍କୁଲ ସ୍ଥାପିତ ହୋଇଥିବାବେଳେ ବର୍ତ୍ତମାନ ଏହାର ପାଚେରି ନିର୍ମାଣ କରାଯାଉଛି। ତେବେ ପାଚେରି ନିର୍ମାଣକୁ ସ୍ଥାନାନ୍ତର କରା ନ ଗଲେ ରାସ୍ତା ସଙ୍କୋଚିତ ହେବାର ଆଶଙ୍କା ରହିଛି। ଏପରିକି ଜରୁରୀକାଳୀନ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଯାତାୟାତ କରିବାରେ ବାଧା ସୃଷ୍ଟି ହେବ। ଏହି ଦାବିପତ୍ରରେ ଭବାନୀ ଶଙ୍କର ସୋହେଲା, ଅନିଲ ନାଏକ, ସୁନାସିର ମାଝୀ, ମିଥୁନ ସିଂ, ନଳିନୀ ସିଂ, ପର୍ଶୁରାମ ଝରିଆ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର



**ଦେବଗଡ଼,୨୨।୯ (ସମିସ):** ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ଜଣେ ଯୁବକ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତ କରାଯାଇଛି।

ବୁଧବାର ପୂର୍ବାହ୍ନରେ ରିଆମାଳ ବନାଞ୍ଚଳ ନୂଆଁଡିହି ଫରେଷ୍ଟ ସେକ୍ସନ ଖିଲେଇ ଗ୍ରାମର ଲୋକନାଥ ଗଡ଼ନାୟକଙ୍କ ପୁଅ ଭୁବନେଶ୍ୱର ଗଡ଼ନାୟକ ଦୁଇ ଜଣ ସାଥୀଙ୍କ ସହ ନିକଟସ୍ଥ ଗୋଗୁଆ ସଂରକ୍ଷିତ ଜଙ୍ଗଲକୁ ଛତୁ ତୋଳିବା ପାଇଁ ଯାଇଥିଲେ। ତେବେ ଦିନ ପ୍ରାୟ ୧ଟା ସମୟରେ ହାତୀମାନଙ୍କର ଏକ ଦଳ ସେମାନଙ୍କୁ ଗୋଡ଼ାଇବା ସହ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ତେବେ ପ୍ରାଣ ବିକଳରେ ଅନ୍ୟ ୨ ଜଣ ସାଥୀ ଦୌଡ଼ି ପଳାଇଥିବାବେଳେ ଉକ୍ତ ହାତୀ ଦଳ ଭୁବନେଶ୍ୱରଙ୍କୁ ଆକ୍ରମଣ କରିବାରୁ ତାଙ୍କ ଡାହାଣ ଜଙ୍ଘ ଭାଙ୍ଗିଯାଇ ଥିଲା। ତାଙ୍କର ଅନ୍ୟସାଥୀ ଦୁଇଜଣ ଭୁବନେଶ୍ୱରଙ୍କ ପରିବାର ଲୋକଙ୍କୁ ଜଣାଇବାପରେ ସେମାନେ ବନବିଭାଗର ସହାୟତା ଲୋଡିଥିଲେ। ସୂଚନାପାଇ ନୁଆଁଡିହୀ ଫରେଷ୍ଟର ଲାଷ୍ଟ କିରେଇ ବିଭାଗୀୟ କର୍ମଚାରୀଙ୍କ ସହ ସଦଳବଳେ ସେଠାରେ ପହଞ୍ଚିବା ସହ ଗ୍ରାମବାସୀ ଏବଂ ଭୁବନେଶ୍ୱରଙ୍କ ପରିବାର ସହାୟତାରେ ଜଙ୍ଗଲ ମଧ୍ୟରୁ ଭୁବନେଶ୍ୱରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## କାଠ ଜବତ; ୨ ଅଟକ



**ଉଲୁଣ୍ଡା, ୨୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବନ ବିଭାଗ ବୁଧବାର ସିଣ୍ଡୋଲ କେଉଁଟପଡ଼ା ନଦୀଘାଟ ନିକଟରେ ଚଢଉ କରି ୯୦ ଖଣ୍ଡ କାଠ ଜବତ କରିଛି। ବରଗଡ଼ ଅଞ୍ଚଳର ହେମସାଗର ହରସେଲ (୩୨) ଏବଂ ମହେନ୍ଦ୍ର ସେଟ (୩୨)ଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସିଏଫ୍ ପ୍ରଫୁଲ୍ଲ ଧରୁଆ, ସିଣ୍ଡୋଲ ବନପାଳ ଗୋପାଳ ପଣ୍ଡା, ସିଣ୍ଡୋଲ ବନରକ୍ଷୀ ଶକ୍ତିରାଜ ସଂ ଧରୁଆ, ଖରାପୁରା ବନପାଳ ପଦ୍ମଲୋଚନ ଭୋଇ, ଏସ.ପତ୍ରାପାଲି ବନରକ୍ଷୀ ବନମାଳୀ ପାଣ୍ଡେ ପ୍ରମୁଖ ସାମିଲ ଥିଲେ।

## ଉପନିୟୋଜନ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗ

**ପଦ୍ମପୁର, ୨୨।୯ (ସମିସ):** ପଦ୍ମପୁର ଉପନିୟୋଜନ କାର୍ଯ୍ୟାଳୟରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ରାଜବୋଡ଼ାସମ୍ବର ପଦ୍ମପୁର, ପାଇକମାଲ, ଝାରବନ୍ଧ, ଗାଇସିଲେଟ, ସୋହେଲା, ଓ ବିଜେପୁର ବ୍ଲକରୁ ପ୍ରତିଦିନ ଯୁବକ ଯୁବତୀ ନିଜର ନାମ ପଞ୍ଜୀକରଣ ପାଇଁ ପଦ୍ମପୁର ଉପନିୟୋଜନ କାର୍ଯ୍ୟାଳୟକୁ ଆସିଥାନ୍ତି। କିନ୍ତୁ ସପ୍ତାହରେ ମାତ୍ର ଗୋଟିଏ ଦିନ ଅପରାହ୍ନ ୨ଟା ସୁଦ୍ଧା ନାମ ପଞ୍ଜିକରଣ ହେଉଛି; ମାତ୍ର ଜଣକର ନାମ ପଞ୍ଜୀକରଣ କରିବାକୁ ୪ ଘଣ୍ଟା ଲାଗୁଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯୁବକ ଯୁବତୀଙ୍କ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉପନିୟୋଜକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିବାରୁ ସେ ଜିଲ୍ଲା ନିୟୋଜକଙ୍କ ନିର୍ଦ୍ଦେଶ ଅନୁସାରେ କାମ କରୁଛନ୍ତି ବୋଲି କୁହନ୍ତି। ପଞ୍ଜିକରଣ ବିନା ଅନେକ ଯୁବକଯୁବତୀ ଫେରୁଛନ୍ତି। ଫଳରେ ନିଯୁକ୍ତିର ଆବେଦନ ଅବଧି ସରିଯାଏ। ବହୁ ଆଶାୟୀ ପଞ୍ଜିକରଣ ବିନା ଆବେଦନରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଅନେକ ଯୋଜନା ଅଧିକାରୀଙ୍କ ମନମୁଖୀ ଯୋଗୁଁ ବିଫଳ ହେଉଛି। ଶିକ୍ଷିତ ଯୁବକ ଯୁବତୀଙ୍କ ଜୀବନ ସହ ଖେଳ କରୁଥିବା ଅଧିକାରୀ ସେମାନଙ୍କ ମାନସିକତାର ପରିବର୍ତ୍ତନ କରନ୍ତୁ; ନଚେତ ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବରଗଡ଼ର ଗୌରବ ପ୍ରମୋଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ବରଗଡ଼,୨୨।୯ (ସମିସ):** ଟୋକିଓ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତଙ୍କୁ ଆଜି ବରଗଡ଼ରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଥରେ ସେ ମହକୁମା ଗାନ୍ଧୀ ଛକରେ ପହଞ୍ଚିବା ପରେ ଏକ ସୁସଜ୍ଜିତ ଖୋଲା ଗାଡିରେ ସମ୍ବର୍ଦ୍ଧନା ସ୍ଥଳକୁ ପାଛୋଟି ନିଆଯାଇଥିଲା। ନିଷ୍ଠା ପରିବାର, ସଂକଳ୍ପ ପରିବାର, କୋଶଳ ଯୁବା ମଞ୍ଚ ଆଦି ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ନେଇଥିଲେ। ରାସ୍ତାକଡରେ ବିଭିନ୍ନ ବର୍ଗର ସହରବାସୀ ଉପସ୍ଥିତ ରହି କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀ ତଥା କ୍ରୀଡ଼ାପ୍ରେମୀ ଯୁବକ ଯୁବତୀ ପ୍ରମୋଦଙ୍କ ସହ ହାତମିଳାଇ ସେଲ୍‌ଫି ନେଉଥିଲେ। ବିଭିନ୍ନ ଛକ୍ ସ୍ଥାନରେ ହଜାର ହଜାର ଯୁବକ ଉପସ୍ଥିତ ରହି ତାଙ୍କ ଉପରେ ଫୁଲ ପକାଇବା ସହିତ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ସେହିପରି ଟାଉନ ହଲରେ ସାମ୍ବାଦିକ ସଙ୍ଘ ପକ୍ଷରୁ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପ୍ରମୋଦଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ। ସାଂସଦ ସୁରେଶ ପୂଜାରୀ, ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ଦେବତା, ଜିଲ୍ଲା ବିଜେପି ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲ୍ଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ନିପନ ଦାଶ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ପୂର୍ବତନ ଉପନଗରପାଳ କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି, କିଶୋର ମିଶ୍ର, ପୌର ଅଧିକାରୀ ନାରାୟଣ ଦଣ୍ଡସେନା ତଥା ସମଲେଶ୍ୱରୀ ମନ୍ଦିର କମିଟି, ମା' ଶ୍ୟାମାକାଳୀ ମନ୍ଦିର କମିଟି, ହାଟପଦା ଦୁର୍ଗା ମନ୍ଦିର କମିଟି, ଜିଲ୍ଲା ଓକିଲ ସଂଘ, ଜିଲ୍ଲା କ୍ରୀଡ଼ା ସଂସଦ, ବରିଷ୍ଠ ନାଗରିକ ସଙ୍ଘ, ଚାମ୍ବର୍ସ ଅଫ କମର୍ସ, ମାର୍ଚ୍ଚେଣ୍ଟ ଆସୋସିଏସନ, ମାରୱାଡ଼ି ଯୁବା ମଞ୍ଚ, ମହିଳା ସମିତି, ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଫାଇଟ ଫର ରାଇଟ, ଆଇନ ମହାବିଦ୍ୟାଳୟ, ସେବାନିବୃତ୍ତ ସୈନିକ ସଙ୍ଘ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ, ଧନୁଯାତ୍ରା କଳାକାର ସଙ୍ଘର କର୍ମକର୍ତ୍ତା ତଥା ସହରର ପ୍ରମୁଖ ସାମାଜିକ ସଂଗଠନ, ଅନୁଷ୍ଠାନ, କ୍ଲବର ସଦସ୍ୟ ଉପସ୍ଥିତ ରହି ପ୍ରମୋଦଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସଙ୍ଘ ଉପସଭାପତି ବିରେନ ପ୍ରଧାନ ପରିଚାଳନା କରିଥିଲେ।



# ଖପ୍ରାଖୋଲ: ମନ୍ତ୍ରୀ ବାଣ୍ଟିଲେ ସ୍ମାର୍ଟକାର୍ଡ

ଖପ୍ରାଖୋଲ,୨୨।୯ (ସମିସ)

ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ କାର୍ଯ୍ୟକାରୀ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନ ଖପ୍ରାଖୋଲ ବ୍ଲକରେ ଶୁଭାରମ୍ଭ ହୋଇଛି। ବିଜ୍ଞାନ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ ତଥା ସାମାଜିକ ନିରାପତ୍ତା ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ଖପ୍ରାଖୋଲ ବ୍ଲକରେ ଏହି ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ପୂର୍ବାହ୍ନରେ ମନ୍ତ୍ରୀ ଖପ୍ରାଖୋଲ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲେ। ସେଠାରେ ଇନ୍ଦ୍ରମଣୀ ସାହୁ, ନରେନ୍ଦ୍ର ଭୋଇ, ବିକାଶ ଦାଶ, ବଳରାମ ବାରିକ,ନୃପ ନାଗ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ମନ୍ତ୍ରୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓ ରଶ୍ମିରଞ୍ଜନ ରାଉତ ଏବଂ ବ୍ଲକ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସିଡିପିଓ ସୁଜାତା ଦୋରା, ସ୍ମୃତିରେଖା ସାହୁ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଭିଡିଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଟିଟିଲାଗଡ଼ର କାର୍ଯ୍ୟକ୍ରମର ସିଧାପ୍ରସାରଣ ମନ୍ତ୍ରୀ ଏବଂ ଅନ୍ୟମାନେ ଦେଖିଥିଲେ। ମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଏବଂ ଏହାର ଉପକାରିତା ସମ୍ପର୍କରେ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ।




ପରେ ମନ୍ତ୍ରୀ ଲୁହାସିଂହା ପଞ୍ଚାୟତର ଲୁହାସିଂହା ଉଚ୍ଚ ବିଦ୍ୟାଳୟ ଏବଂ ଦମେଇପାଲି ପଞ୍ଚାୟତର ଦମେଇପାଲି ଏମ୍ଇ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବାଣ୍ଟିଥିଲେ। ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା, ଦମେଇପାଲି ସରପଞ୍ଚ ସାବିତ୍ରୀ ପଧାନ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଖପ୍ରାଖୋଲ ବ୍ଲକର ସମୁଦାୟ ୩୧,୨୦୨ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ମିଳିବ ବୋଲି ଜଣାପଡ଼ିଛି। ଆସନ୍ତା ୨୩, ୨୪, ୨୫, ୨୬ ତାରିଖରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି କାର୍ଡ ବଣ୍ଟନ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

## କଣ୍ଟାବାଞ୍ଜି ଓ ତୁରେକେଲାରେ ସ୍ମାର୍ଟ କାର୍ଡ ବଣ୍ଟନ

**କଣ୍ଟାବାଞ୍ଜି,୨୨।୯ (ସମିସ):** ଓଡ଼ିଶା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବୁଧବାର ପଶ୍ଚିମ ଓଡ଼ିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ଟିଟିଲାଗଡ଼, ପାଟଣାଗଡ଼ ଓ ବଲାଙ୍ଗିରରୁ ଶୁଭାରମ୍ଭ କରି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ଆଦିବାସୀ ଓ ହରିଜନ କଲ୍ୟାଣ ଉନ୍ନୟନ ତଥା ସଂଖ୍ୟା ଲଘୁ ମନ୍ତ୍ରୀ ଜଗନ୍ନାଥ ସାରକା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ମିଟିଂରେ ସାମିଲ ହୋଇ ଯୋଜନା ଉପରେ ଜନ ସାଧାରଣଙ୍କୁ ଅବଗତ କରିଥିଲେ। ଏହା ପରେ ଅପରାହ୍ନ ୩ଟାରେ ସ୍ଥାନୀୟ ଏନଏସି ଗ୍ରାଉଣ୍ଡ ଫ୍ଲୋରରେ ଆୟୋଜିତ ସଭାରେ ଉଦବୋଧନ ଦେବା ସହ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରିଥିଲେ।

## ୪ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବାଣ୍ଟିଲେ ପରିବହନ ମନ୍ତ୍ରୀ

**ଚୁଡାପାଲି,୨୨।୯ (ସମିସ):** ବଲାଙ୍ଗିର ସଦର ବ୍ଲକର ତୁଷୁରାବାହାଲ, ଚୁଡାପାଲି, ଭୁଣ୍ଡିମୁହାଣ ଏବଂ ମାୟାବର୍ହା ପଞ୍ଚାୟତରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ତୁଷୁରାବାହାଲ ପଞ୍ଚାୟତର ୭୩୬, ଚୁଡାପାଲି ପଞ୍ଚାୟତର ୧୩୦୬, ଭୁଣ୍ଡିମୁହାଣ ପଞ୍ଚାୟତର ୭୯୯ ଏବଂ ଏବଂ ମାୟାବର୍ହା ଗ୍ରାମ ପଞ୍ଚାୟତର ୧୨୯୯ ଯୋଗ୍ୟ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ବେହେରା ସ୍ମାର୍ଟକାର୍ଡ ବଣ୍ଟନ କରିଥିଲେ। ଏହି ଅବଶରରେ ମନ୍ତ୍ରୀ ଶ୍ରୀ ବେହେରା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ସ୍ମାର୍ଟକାର୍ଡରେ ପୁରୁଷଙ୍କ ପାଇଁ ୫ଲକ୍ଷ ଏବଂ ମହିଳାଙ୍କ ନିମନ୍ତେ ୧୦ ଲକ୍ଷ ଟଙ୍କାର ସହାୟକ ରାଶି ସେ ସୂଚାଇଥିଲେ।

## ବିଲେଇସର୍ଡାରେ ଅନନ୍ତ ବ୍ରତ ପାଳିତ

**ବଲାଙ୍ଗିର,୨୨।୯ (ସମିସ) :** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡାଠାରେ ଭାଦ୍ରବ ପୂର୍ଣ୍ଣିମା ଦିନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନନ୍ତ ବ୍ରତ ପାଳନ କରାଯାଇଛି। କରୋନା ଗାଇଡ୍ ଲାଇନକୁ ମାନି ଏହି ପୂଜା ପାଳନ କରାଯାଇଥିଲା। ପୂଜକ ଶ୍ୟାମସୁନ୍ଦର ପଣ୍ଡା ପୂଜନ ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ସକାଳ ୭ଟାରେ ପଞ୍ଚ ଦେବତାଙ୍କୁ ପୂଜା କରାଯାଇ ପରେ ସତ୍ୟନାରାୟଣ ପୂଜା ସମ୍ପନ୍ନ କରାଗଲା। ଭାଗବତ ବହିକୁ ବରିଷ୍ଠ ଗାୟକ ନିଳମାଧବ ଗୁରୁ, ଶରତଚନ୍ଦ୍ର ପଣ୍ଡା, ଘାସିରାମ ପାଣିଗ୍ରାହୀ ଗାନ କରିଥିଲେ। ପୂର୍ବରୁ କଳସ ପୂଜା, ହୋମପୂଜା ଓ ନବଗ୍ରହ ପୂଜା କରାଯାଇଥିଲା। କର୍ତ୍ତା ଭାବେ କିଶୋର ଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମର ଆୟକନ ପାଇଁ ମନ୍ଦିର ନିର୍ମାଣ କମିଟି ତରଫରୁ ଦୁର୍ବାଦଳ ପଣ୍ଡା, ପ୍ରମୋଦ ବିଶ୍ୱାଳ, ଦିନବନ୍ଧୁ ଗଡ଼ତ୍ୟା ଓ ଅନ୍ୟମାନେ ଦାୟିତ୍ୱ ନେଇଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା ନେଇ ଯୁବକ ଗିରଫ

**ସୋନପୁର, ୨୨।୯ (ସମିସ):** ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଚାଲାକି କରି ଟଙ୍କା ଉଠାଇବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି। ଅଭିଯୁକ୍ତ ହେଉଛି ବିନିକା ଥାନା ଅନ୍ତର୍ଗତ ଶଙ୍କରା ଗାଁର ବୀରେନ୍ଦ୍ର ବାଗ (୩୩)। ସହରର ରାମକୃଷ୍ଣ ନଗରର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରକାଶ ଚନ୍ଦ୍ର ବହିଦାରଙ୍କ ପର୍ସଟି ବ୍ଲକ ଛକ ପାଖରେ ପଡ଼ିଯାଇଥିଲା। ଏହି ପର୍ସ ପାଇ ଅଭିଯୁକ୍ତ ଟଙ୍କା ଉଟାଇଥିଲା। ତେବେ ପର୍ସ ହଜିବା ଜାଣିବା ପରେ ବହିଦାର ତତକ୍ଷଣାତ୍ ନିଜ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ତାଙ୍କ ଆକାଉଣ୍ଟରୁ ୭୮ ହଜାର ୫୦୦ ଟଙ୍କା ଉଠିଥିବା ସେ ଜାଣିବାକୁ ପାଇଥିଲେ। ଖମ୍ବେଶ୍ୱରୀ ପାଲି ଜନସେବା କେନ୍ଦ୍ରରୁ ୨୮ ହଜାର ୫୦୦ ଟଙ୍କା ଓ ଚରଦା ଜନସେବା କେନ୍ଦ୍ରରୁ ୫୦ ହଜାର ଟଙ୍କା ଉଠିଥିବା ପୁଲିସ ତଦନ୍ତରୁ ଜାଣି ପାରିଛି। ବୀରେନ୍ଦ୍ର ପାଖରୁ ପୁଲିସ ୬୦ ହଜାର ଟଙ୍କା ଜବତ କରିଛି।

## ଗଞ୍ଜେଇ ଚୋରାଚାଲାଣ; ୧ ଗିରଫ

**ସୋନପୁର, ୨୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି। ସେ ହେଉଛି ଝାରଖଣ୍ଡ ଅଞ୍ଚଳର ବିଜୟ କୁମ୍ଭାର। ବୁଧବାର ବୌଦ୍ଧ ପଟରୁ ଏକ କାର ଯୋଗେ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା କୌଣସି ସୂତ୍ରରୁ ବିଭାଗ ଖବର ପାଇଥିଲା। ସୋନପୁର କୁଞ୍ଜ ଛକଠାରେ ଛକି ରହିଥିଲାବେଳେ କାରଟି ଧରା ପଡ଼ିଥିଲା। ଯାଞ୍ଚ କରିବାରୁ ଗାଡିରୁ ୧ କୁଇଣ୍ଟାଲ ଗଞ୍ଜେଇ ବାହାରିଥିଲା।

■ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ

**ବୌଦ୍ଧ,୨୨।୯ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ କରାଯାଇଛି। ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ବିଭିନ୍ନ ଉପବିଭାଗର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିଭାଗରେ ପରିବର୍ତ୍ତନ କରିଛନ୍ତି। ଡେପୁଟି କଲେକ୍ଟର ଶାନ୍ତିସୁଧା ପାତ୍ରଙ୍କୁ ସ୍ଥାପନା, ରାଜସ୍ୱ ଓ ଫୌଜି ଉପବିଭାଗ ଦାୟିତ୍ୱ ଦିଆଯାଇଛି। ଏହାସହ ଶାନ୍ତିସୁଧା ପାତ୍ର ନିଜର ବିଭାଗ ସମେତ ଜରୁରୀକାଳୀନ ଉପବିଭାଗ କାର୍ଯ୍ୟ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡେପୁଟି କଲେକ୍ଟର ଅବନୀକାନ୍ତ ସାହୁଙ୍କୁ ଜିଲ୍ଲା ପଞ୍ଚାୟତ, ସାଧାରଣ ଓ ବିବିଧ ଉପବିଭାଗ, ସାଧାରଣ ଅଭିଯୋଗ, ସେନସସ୍ ଓ ଏସ୍ଇବିସି ସର୍ଭେ ଦାୟିତ୍ୱ ଦିଆଯାଇଥିବାବେଳେ ଡେପୁଟି କଲେକ୍ଟର ଝରଣା ପ୍ରଧାନଙ୍କୁ ଅଦାଲତି, ଅଡିଟ, ପରିଦର୍ଶନ ଏବଂ ଉନ୍ନୟନ ଦାୟିତ୍ୱ ଦିଆଯାଇଛି। ସେହିପରି ଡେପୁଟି କଲେକ୍ଟର ସ୍ମିତା ରଥଙ୍କୁ ନିର୍ବାଚନ, ଭାରପ୍ରାପ୍ତ ଡେପୁଟି ଜିଲ୍ଲାପାଳ (ରାଜସ୍ୱ), ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ସୋସିଆଲ ମିଡିଆ ସେଲ୍ଫ ଦାୟିତ୍ୱ ଦିଆଯାଇଛି। ସହକାରୀ ଜିଲ୍ଲାପାଳ ସତ୍ୟଜିତ ମହାପାତ୍ରଙ୍କୁ ଜନସୂଚନା, କା.ଲା.ଓ ଭୂମି ଅଧିଗ୍ରହଣ, ଜରୁରୀକାଳୀନ, ରେଡକ୍ରସ, ସିଏମଆରଏଫ ଓ ଓଏସଟିଏଫ ଦାୟିତ୍ୱ ଦିଆଯାଇଥିବାବେଳେ ସହକାରୀ ଜିଲ୍ଲାପାଳ ବିରଞ୍ଚି ଧରୁଆଙ୍କୁ ନିଜାରତ ଅଭିଲେଖାଗାର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଏବଂ ଡିଏସଏସଓ ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କୁ ନିଜ ବିଭାଗ ସହିତ ଜିଲ୍ଲା ସଂସ୍କୃତି ବିଭାଗ ଦାୟିତ୍ୱ ଦିଆଯାଇଛି।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଗେଟ୍ ତୋରଣରୁ 'ରା' ଗାଏବ




**ବଲାଙ୍ଗିର,୨୨।୯ (ସମିସ):** ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଲେଖା ଯାଇଥିବା ଅକ୍ଷର ଗୁଡିକ ମଧ୍ୟରୁ 'ରା' ଏବଂ ଏକାର ମାତ୍ରା (େ) ଚିହ୍ନ ଛିଣ୍ଡି ପଡ଼ିଯାଇଛି। ବର୍ତ୍ତମାନ ଏହା ଜନ୍ଦ୍ର ବିଶ୍ୱବିଦ୍ୟାଳୟ ଲେଖାହୋଇଛି। ୟୁନିଭର୍ସିଟିର ପ୍ରଶାସନିକ ଭବନ ସମ୍ମୁଖରେ ଥିବା ମୁଖ୍ୟ ଗେଟରେ ଏଭଳି ହୋଇଥିବା ଦେଖିବାକୁ ମିଳିଛି। ତେବେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଆସିଥିବା ଜନସାଧାରଣ ଏହାକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘଦିନ ହେଲା ଏହି ଅକ୍ଷର ଗୁଡିକ ଛିଣ୍ଡି ତଳେ ପଡ଼ିଥିଲେ ହେଁ ୟୁନିଭର୍ସିଟି କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଧ୍ୟାନ ନାହିଁ। ସୂଚନାଯୋଗ୍ୟ ଯେ ବର୍ତ୍ତମାନର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତତ୍କାଳୀନ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ସମୟରେ ନିର୍ମାଣ ହୋଇଥିଲା। ତାଙ୍କର ନାମ ଅନୁସାରେ ଏହାର ନାମ ରାଜେନ୍ଦ୍ର ମହାବିଦ୍ୟାଳୟ ରଖାଯାଇଥିଲା।

## ମଦ କାରବାରରେ ଯୁବକ ଅଟକ

**ଉଲୁଣ୍ଡା,୨୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଏସ.ପତ୍ରାପାଲି ପଞ୍ଚାୟତ ଅରଖମୁଣ୍ଡା ଜଙ୍ଗଲରେ ବୁଧବାର ଅପରାହ୍ନରେ ଉଲୁଣ୍ଡା ପୁଲିସ ଚଢଉ କରି ରନ୍ଧା ମଦ ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଜଣକୁ ଅଟକ ରଖି ପଚରା ଉଚରା କରୁଛି।

## ବର୍ଷାରେ ଭାଙ୍ଗିଲା ଘର

**ଛତ୍ରଙ୍ଗ,୨୨।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଗ୍ରାମର କମଳି ଦନାୟକଙ୍କ ଘର ବୁଧବାର ବର୍ଷାରେ ଭାଙ୍ଗି ଯାଇଛି। ପ୍ରବଳ ବର୍ଷା ପବନରେ ତାଙ୍କର କଚା ଘରଟି ଭାଙ୍ଗି ଯାଇଛି। ସେ ଜଣେ ଗରିବ ମହିଳା। ମୁଲ ଲାଗି ପରିବାର ପ୍ରତି ପୋଷଣ କରନ୍ତି। ଏଣୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

## ହୃଦ୍ଘାତରେ ଯୁବ ସଂଗଠକଙ୍କ ପରଲୋକ

**ଦେଓଗାଁ,୨୨।୯ (ସମିସ) :** ବଲାଙ୍ଗିର ଜିଲ୍ଲା ଦେଓଗାଁର ଜଣେ ସୁପରିଚିତ ଯୁବ ସଂଗଠକଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ଦେଓଗାଁ ମାଷ୍ଟରପଡ଼ାର ଯୁବ ସଂଗଠକ ଚକ୍ର ଡୋଡକା (୪୦)ଙ୍କ ହୃଦ୍ଘାତରେ ପରଲୋକ ହୋଇଛି। ସୂଚନାନୁସାରେ ବୁଧବାର ପ୍ରାତଃ ୪ଟାରେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କୁ ଭୀମଭୋଇ ମେଡିକାଲ କୁନେଇ ପ୍ରାଥମିକ ଚିକିତ୍ସା ଆରମ୍ଭ କରିବା ସମୟରେ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ସୋନଗଡ଼ ନଦୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଭାଇ ଗୁଲୁ ଡୋଡକା ମୁଖାଗ୍ନି ଦେଇଥିଲେ। ସେ ଦେଓଗାଁର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ରହି ସାମାଜିକ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଥିବାରୁ ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କର ସ୍ତ୍ରୀ ଏବଂ କୁନି ଝିଅ ଅଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଗୁରୁତର

**ଉଲୁଣ୍ଡା, ୨୨। ୯ (ସମିସ):** ସୋନପୁର- ରେଢାଖୋଲ ରାସ୍ତାର ଉଲୁଣ୍ଡା ବ୍ଲକ ଅଧୀନ ଭୁଦୋବର ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ମହିଳାଙ୍କ ସମେତ ଜଣେ ଶିଶୁ ଗୁରୁତର ଭାବରେ ଆହତ ହୋଇଛନ୍ତି। ଏମାନଙ୍କୁ ବୀରମହାରାଜପୁର ଅଗ୍ନିଶମ ବାହିନୀ ଉଦ୍ଧାର କରି ସୋନପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଆହତଙ୍କ ମଧ୍ୟରେ ଅଧିକ ଗୁରୁତର ଥିବା ମହିଳା ମିରା ବେହେରାଙ୍କୁ ବୁର୍ଲା ଭିମ୍ସାର ସ୍ଥାନାନ୍ତର କରାଯାଇଛି।

## ଏଡ୍ସ ସଂକ୍ରମିତଙ୍କୁ ଚିକିତ୍ସାରେ ଅବହେଳା

ଟିଟିଲାଗଡ଼, ୨୨।୯ (ସମିସ



ସରକାରୀ ଡାକ୍ତରଖାନାରେ ଜଣେ ଏଡ୍ସ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରେ ଜଣେ ୫୦ ବର୍ଷୀୟ ଏଚଆଇଭି ସଂକ୍ରମିତ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଡା. ଓଁକାର ହୋତାଙ୍କ ପରାମର୍ଶ କ୍ରମେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ଜିଲ୍ଲା ଡ଼ାକ୍ତରଖାନାରେ ପହଞ୍ଚିବା ପରେ ଉକ୍ତ ରୋଗୀଙ୍କୁ ବିଶେଷ ଚିକିତ୍ସା ଯୋଗାଇବା ପରିବର୍ତ୍ତେ ତାଙ୍କୁ ଅବହେଳା କରାଯାଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟରତ ନର୍ସିଂ କର୍ମଚାରୀ ଡାକ୍ତରଙ୍କ ଦ୍ୱାରା ଲେଖାଯାଇଥିବା ସାଲାଇନ, ଇଂଜେକସନ ଆଦି ତାଙ୍କୁ ଦେଇ ତୁରନ୍ତ ଚିକିତ୍ସା ଆରମ୍ଭ କରିବା ବଦଳରେ କେବଳ ଦୁଇଟି ଇଂଜେକସନ ଦେଇ ଛାଡି ଦେଇଥିଲେ। ଗୁରୁତର ରୋଗୀଙ୍କୁ ଅନ୍ୟ ଆବଶ୍ୟକ ଔଷଧ ଡାକ୍ତରଙ୍କ ଲେଖା ଅନୁଯାଇ ଦେବାକୁ ନର୍ସିଂ କର୍ମଚାରୀଙ୍କୁ ତାଙ୍କ ସ୍ତ୍ରୀ ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଡାକ୍ତର ରାତି ୯ ଟାରେ ଆସି ପୁନଃ ଆବଶ୍ୟକ ସଲାଇନ, ଇଞ୍ଜେକ୍ସନ ଲେଖିଥିଲେ ମଧ୍ୟ ଦୀର୍ଘ ସମୟ ଧରି ସଂକ୍ରମିତ ବ୍ୟକ୍ତିଙ୍କୁ ଦେଇନଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଥିବା ଉକ୍ତ ରୋଗୀଙ୍କୁ ଚିକିତ୍ସା ବଦଳରେ କର୍ମଚାରୀମାନେ ବୁର୍ଲା ମ୍ୟାଡିକାଲ ମେଡିକାଲକୁ ନେଇଯିବାକୁ କହୁଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲା ଏଆରଟି କେନ୍ଦ୍ର କାର୍ଯ୍ୟକର୍ତ୍ତା କିମ୍ବା ଜିଲ୍ଲାରେ କାର୍ଯ୍ୟରତ ସାଇଟିଆଇ ପ୍ରକଳ୍ପ କର୍ମଚାରୀ ଦୃଷ୍ଟି ଦେଇ ତାଙ୍କ ତୁରନ୍ତ ଚିକିତ୍ସା ଆରମ୍ଭ ନ କଲେ ସଂକ୍ରମିତ ବ୍ୟକ୍ତିଙ୍କ ଅବସ୍ଥା ଆହୁରି ସଙ୍କଟାପନ୍ନ ହେବ ବୋଲି କୁହାଯାଇଛି। ଏ ନେଇ ବିଭାଗୀୟ ମୁଖ୍ୟ ଅଧିକାରୀ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହେଉଛି।

## ନିଜ ଖର୍ଚ୍ଚରେ ରାସ୍ତା ତିଆରି କଲେ ଗ୍ରାମବାସୀ

ତୁଷୁରା,୨୨।୯ (ସମିସ)

ଗୁଡ଼ଭେଲା ବ୍ଲକ ବିରାମୁଣ୍ଡା ପଞ୍ଚାୟତ ଅର୍ନ୍ତଗତ ଦେମୁହାଣ କଲୋନୀ ପଡ଼ାବାସୀ ପ୍ରଶାସନ ଉପରେ ନିର୍ଭର ନ କରି ନିଜ ଖର୍ଚ୍ଚରେ ଗାଁ ରାସ୍ତା ନିର୍ମାଣ କରିଛନ୍ତି। ବିରାମୁଣ୍ଡା ଛକରୁ ନୂଆପଡ଼ା ଓ ନୂଆପଡ଼ାରୁ ମହାଜନ ପଡ଼ା ରାସ୍ତାର କିଛି ଅଂଶ; ଯାହାକି ବହୁ ଦିନ ହେଲା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏହା ଲୋକଙ୍କ ଦୈନନ୍ଦିନ ରାସ୍ତା ଥିବାବେଳେ ଶିଶୁମାନେ ମଧ ଏହି ରାସ୍ତା ସ୍କୁଲ ପଢ଼ିବାକୁ ଯାଇଥାନ୍ତି। କିନ୍ତୁ ରାସ୍ତା ଶୋଚନୀୟ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ପଞ୍ଚାୟତକୁ ବାରମ୍ବାର ଜଣାଇଲେ ମଧ କିଛି ସୁଫଳ ମିଳୁ ନ ଥିଲା। ଏଣୁ ପ୍ରତ୍ୟେକ ପରିବାର ନିଜ ନିଜ ଘରୁ ଟଙ୍କା ଖର୍ଚ୍ଚ କରି ଆଜି ପ୍ରାୟ ୪୫ ପରିବାର ଏକଜୁଟ ହୋଇ ରାସ୍ତାରେ ମୋରମ ପକାଇ ମରାମତି କରିଛନ୍ତି।



## କପା ଚାଷରେ ବାଲି ଚରିଗଲା

**ମନମୁଣ୍ଡା,୨୨।୯ (ସମିସ):** ମଣ୍ଡିରେ ଧାନ ବିକ୍ରିର ଅସୁବିଧା ଓ ଅମଳ ଧାନର ଉଚିତ ମୂଲ୍ୟ ପାଇ ପାରୁ ନ ଥିବା କାରଣରୁ ଅନେକ ଚାଷୀ ଏବେ କପା ଚାଷ କରୁଥିବା ଦେଖିବାକୁ ମିଳୁଛି। ବୌଦ୍ଧ ବ୍ଲକ ଶଗଡ଼ା ପଞ୍ଚାୟତ ରୁଗୁଡିକନପାର ସୁଶାନ୍ତ ଛନ୍ଦ ପ୍ରାୟ ୫ ଏକରରୁ ଅଧିକ ଜମିରେ ଚଳିତ ବର୍ଷ କପା ଚାଷ କରିଥିଲେ। ନିକଟରେ ଲଗାଣ ବର୍ଷାରେ କପା ଚାଷ କରିଥିବା ଜମିରେ ବାଲି ଚରି ଯାଇଛି। ପାହାଡ଼ରୁ ପ୍ରଖର ଭାବେ ବର୍ଷାଜଳ ମାଡି ଆସିବାରୁ କପା ଚାଷ କରିଥିବା ଜମିରେ ବାଲି ଚରିଛି। ସେ ଋଣ କରି ଚାଷ କରିଥଲେ। ଏବେ କେମିତି ତାହା ପରିଶୋଧ କରିବେ ଆଉ ପରିବାର ପୋଷଣ କରିବେ ସେ ଚିନ୍ତାରେ ପଡ଼ିଛନ୍ତି।




ଜଙ୍ଗଲ ବନ୍ଧୁ ଗିରିଧାରୀ

## ୩୫ ହେକ୍ଟର ଜମିରେ ବୃକ୍ଷରୋପଣ କରିଛନ୍ତି

ସୋନପୁର/ତରଭା, ୨୨।୯ (ସମିସ)

ଧ୍ୱଂସ ହେବାରେ ଲାଗିଛି ସବୁଜ ସୁନ୍ଦର ଜଙ୍ଗଲ। ମଣିଷ ସମାଜ ନିଜର ସ୍ୱାର୍ଥ ପାଇଁ ଜଙ୍ଗଲରୁ ଗଛ କାଟି କ୍ଷୟ କରିବାରେ ଲାଗିଛି। ବନୀକରଣ ବା ବୃକ୍ଷ ରୋପଣ କରି ସୁରକ୍ଷା ନେବାପାଇଁ କେହି ବି ସଚେତନ ନୁହଁନ୍ତି। ଏ ସବୁ ଭିତରେ ଜଣେ ବ୍ୟକ୍ତି ପିଲାଟି ଦିନରୁ ବୃକ୍ଷ ରୋପଣ କରି ଯତ୍ନ ନେବା, ନୂତନ ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲ ସୁରକ୍ଷା ପାଇଁ ସମୟ ଦେଇ ଆସୁଛନ୍ତି। ୩୦ ବର୍ଷ ହେଲା ସେ ନିଜକୁ ଜଙ୍ଗଲ ସୁରକ୍ଷାରେ ସମର୍ପିତ କରି ସବୁଜ ଜଙ୍ଗଲର ବନ୍ଧୁ ପାଲଟି ଯାଇଛନ୍ତି। ସେହି ସବୁଜ ଜଙ୍ଗଲର ବନ୍ଧୁ ଜଣକ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପୋଲବନ୍ଧ ଗାଁର ୭୫ ବର୍ଷୀୟ ଗିରିଧାରୀ ଭୋଇ।

ଏ ବୟସରେ ମଧ ହାତରେ ଠେଙ୍ଗା ଆଉ କାନ୍ଧରେ ଟାଙ୍ଗିଆ ଧରି ସକାଳ ହେଲେ ସେ ବାହାରିପଡନ୍ତି ଜଙ୍ଗଲ ସୁରକ୍ଷା ପାଇଁ। ପ୍ରତିଦିନ ସେ ସକାଳୁ ୪ ଘଣ୍ଟା ଏବଂ ଅପରାହ୍ନରେ ୩ ଘଣ୍ଟା ଜଙ୍ଗଲର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷାରେ ନିଜକୁ ବ୍ୟସ୍ତ ରଖନ୍ତି। ୩୫ ହେକ୍ଟରରୁ ଅଧିକ ଜମିରେ ସେ ବୃକ୍ଷରୋପଣ କରିଛନ୍ତି। ଏ ସବୁର ଯତ୍ନ ଏବଂ ସୁରକ୍ଷା କରିଆସୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ଗାଁରେ ଏକ କମିଟି ମଧ ଗଠନ କରିଛନ୍ତି। ଜଙ୍ଗଲରୁ କାଠ ଚୋରି ହେଉ କି ଅଗ୍ନିକାଣ୍ଡ ସେ ଗାଁ ଲୋକଙ୍କୁ ନେଇ ବାହାରାପଡନ୍ତି। ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଏହି କଥାକୁ ସମସ୍ତଙ୍କୁ କହି ସଚେତନ ବି କରାଇଥାନ୍ତି। ତାଙ୍କ ଉଦ୍ୟମରେ ଏବେ ପୋଲବନ୍ଧ ଗ୍ରାମରେ ସୃଷ୍ଟି ହୋଇଛି ଏକ ସୁନ୍ଦର ସବୁଜ ଜଙ୍ଗଲ। ଖାଲିଯେ କେବଳ ଜଙ୍ଗଲ ସୃଷ୍ଟି କି ଜଙ୍ଗଲ ସୁରକ୍ଷା ନୁହେଁ ଗ୍ରାମବାସୀଙ୍କ ସୁଖ ଦୁଃଖରେ ମଧ ସେ ଛିଡା ହୁଅନ୍ତି। ଜଣେ ଭଲ ଜ୍ୟୋତିଷ ଭାବରେ ମଧ ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଖପାଖ ଜିଲ୍ଲାରେ ତାଙ୍କର ନାଁ ରହିଛି। ଜଙ୍ଗଲର ସୁରକ୍ଷା ଏବଂ ସମାଜସେବା ପାଇଁ ସବୁବେଳେ ସେ ନିଜକୁ ସମର୍ପଣ କରିଛନ୍ତି। ଏହାରି ଭିତରେ ଗିରିଧାରୀଙ୍କୁ ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର, କଳା ଓ ସମାଜ ସେବା ପାଇଁ ଅଷ୍ଟଭୁଜା ସମ୍ମାନ, ଅଧ୍ୟାତ୍ମିକ ସଚେତନତା ପାଇଁ ରାଜ୍ୟ କଳା ଗବେଷଣା ଓ ପରିଷଦ ସମ୍ମାନ, ଶ୍ରୀଗୁଚା ସମ୍ମାନ ଏବଂ ଅଷ୍ଟଭୁଜା ସାହିତ୍ୟ ସମ୍ମାନ ଭଳି ଅନେକ ସମ୍ମାନ ମିଳିଛି। ଏଭଳି ଜଣେ ବ୍ୟକ୍ତିଙ୍କ ନିସ୍ୱାର୍ଥପର କାମ ଏବଂ ସେବାକୁ ନେଇ ଗ୍ରାମବାସୀ ବି ବେଶ୍ ଖୁସି ବ୍ୟକ୍ତ କରନ୍ତି। ଗିରିଧାରୀଙ୍କ ଏହି ଭଳି ନିସ୍ୱାର୍ଥପର କାମ ଏବଂ ସେବା ଆଜିର ଯୁବ ସମାଜପାଇଁ ଗୋଟିଏ ଉଦାହରଣ ସାଜିଛି।





## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କୁଚିଣ୍ଡା,୨୨।୯ (ସମିସ):** ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା, ଜଙ୍ଗଲ ଜମି ପଟା ପ୍ରଦାନ, ଭୂମିହୀନଙ୍କୁ ୪ ଡିସିମିଲ ଘରଡିହି ଜାଗା ଯୋଗାଇଦେବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଆଦି ସମସ୍ୟାକୁ ନେଇ ବିଜେପି ପକ୍ଷରୁ ପଞ୍ଚାୟତ ଘେରଉ କାର୍ଯ୍ୟକ୍ରମ ହୋଇଛି।

ଏନେଇ କୁଚିଣ୍ଡା ନିର୍ବାଚନମଣ୍ଡଳୀ, ଜମନକିରା ବ୍ଲକ, ଭୋଜପୁର ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବା ସହ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଉଦ୍ଦେଶ୍ୟ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ବେରିହା, ମଣ୍ଟୁ ବେହେରା, ମହେଶ ରାଏ, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର

**ରେଢ଼ାଖୋଲ,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର ବଡ଼ମାଲ, ରେଙ୍ଗାଲି ଓ ଭାଲିଆକଟାର ଗ୍ରାମବାସୀ ନିଜ ପଞ୍ଚାୟତରେ ହେଉଥିବା ବିଦ୍ୟୁତ ସମସ୍ୟା ନେଇ ରେଢ଼ାଖୋଲ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଜରିଆରେ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ତିନୋଟି ପଞ୍ଚାୟତରେ ନିୟମିତ ଭାବେ ବିଜୁଳି ସମସ୍ୟା ଲାଗି ରହିଛି। ଏପରି କି ସପ୍ତାହ ଧରି ବିଜୁଳି ସରବରାହ ବନ୍ଦ ରହିଛି। ଯାହା ଫଳରେ ପିଲାମାନଙ୍କ ଅନ୍‌ଲାଇନ ପାଠପଢ଼ା ଓ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହୁଛି। ପ୍ରକାଶ ଥାଇକି ସାଇବେଣୀଠୁ ବଡ଼ମାଲ ପର୍ଯ୍ୟନ୍ତ ଦୁଇବର୍ଷ ହେବ କେବଳ ଖୁଣ୍ଟ ପୋତି ଦେଇ ତାର ନ ଟାଣି ବିଦ୍ୟୁତ ବିଭାଗ ଚୁପ୍ ବସିଛି। ଅଭିଯୋଗ କରିଲେ ମଧ୍ୟ କିଛି ସୁଫଳ



ମିଳୁନାହିଁ। ସେଥିପାଇଁ ଅଞ୍ଚଳକୁ ଯୁଯୁମୁରା ପରିବର୍ତ୍ତେ ରେଢ଼ାଖୋଲ ଗ୍ରୀଡରୁ ବିଦ୍ୟୁତ ସଂଯୋଗ ଦିଆଯାଉ। ନଚେତ୍ ପୋତା ଯାଇଥିବା ଖୁଣ୍ଟରେ ତାର ଟାଣି ବିଦ୍ୟୁତ ସଂଯୋଗ ଦିଆଯାଉ। ୧୫ ଦିନ ମଧ୍ୟରେ ସ୍ଥାୟୀ ସମାଧାନ ନ ହେଲେ, ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ରେଢ଼ାଖୋଲ ବିଦ୍ୟୁତ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି କହିଛନ୍ତି। ଆବଶ୍ୟକସ୍ଥଳେ ୫୫ ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ପଞ୍ଚାୟତ ଗ୍ରାମବାସୀ କହିଛନ୍ତି। ଏଥିରେ ରେଙ୍ଗାଲି ସରପଞ୍ଚ ସସ୍ମିତା ମଲ୍ଲିକ, ବଡ଼ମାଲ ସରପଞ୍ଚ ସଦ୍ଦାନନ ପ୍ରଧାନ, ଭଲିଆକଟା ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆଇଓସିଏଲ୍ ପାଇପ୍ ଲାଇନରୁ ତେଲଚୋରି ଉଦ୍ୟମ

**ରେଢ଼ାଖୋଲ,୨୨।୯ (ସମିସ):** ଭାରତୀୟ ତୈଳ ନିଗମ(ଆଇଓସିଏଲ)ର ପାରାଦୀପ- ରାଞ୍ଚି ପାଇପ ଲାଇନର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଶରଧାପୁର ଗ୍ରାମ ନିକଟରୁ ତେଲ ଚୋରି ଉଦ୍ୟମ ହୋଇଛି। ଆଓସିଏଲ ପକ୍ଷରୁ ପାଇପ୍ ଲାଇନ ଉପରେ ଗାଡି ପାଟ୍ରୋଲିଂ କରୁଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ଶରଧାପୁର ଗ୍ରାମ ନିକଟରୁ ତେଲ ଚୋରି ଉଦ୍ୟମ ହେଉଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ରେଢାଖୋଲ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ସଦଳେବଳ ଯାଇ ଚଢ଼ାଉ କରିଥିଲେ। ଚଢ଼ଉ କରି ପାଇପ ଲାଇନରୁ ତେଲ ଚୋରି ବେଳେ ବ୍ୟବହୃତ ଶାବଳ, କୋଡ଼ି ଆଦି ବହୁ ପୁଲିସ ଜବତ କରିଛି। ଚଢ଼ଉ ବେଳେ ତେଲ ଚୋରମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଆଓସିଏଲ ପକ୍ଷରୁ ରେଢ଼ାଖୋଲ ଥାନାରେ ଅଭିଯୋଗ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ତେଲ ଚୋରିରେ ଏକ ବଡ଼ ଧରଣର ରାକେଟ କାମ କରୁଥିବା ରେଢାଖୋଲ ପୁଲିସ ଅନୁମାନ କରୁଛି। ଏହି ତେଲ ଚୋରି ଘଟଣାରେ ଏକ ବଡ଼ ଧରଣର ରାକେଟକୁ ଖୁବଶୀଘ୍ର ଧରା ଯିବ ବୋଲି ପୁଲିସ କହିଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

**କୁଚିଣ୍ଡା,୨୨।୯ (ସମିସ):** ଦେବଗଡ଼ ଜିଲ୍ଲା ଲଇମୁରା ଅଞ୍ଚଳର ହରିଡାବାହାଲ ଗ୍ରାମର ବାପା ରମଣୀ ନାଏକ ଓ ପୁଅ ମନବୋଧ ନାଏକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ବାପ ପୁଅ ଜମନକିରା ଯାଇ ଫେରୁଥିବାବେଳେ ଭୋଜପୁର ନିକଟସ୍ଥ ମାତାମହୁଲ ଗାଁ ମୁଣ୍ଡରେ ବାଇକ୍ ମଧ୍ୟକୁ କୁକୁର ପଶିଯିବାରୁ ବାପା ପୁଅ ରାସ୍ତା ଉପରକୁ ଛିଟିକି ପଡ଼ି ଗଭୀର କ୍ଷତାକ୍ତ ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାନା ପଠାଇଥିଲେ।

**ଯୁକ୍ତ ତିନି ନାମଲେଖା**

# ଆଜି ପ୍ରକାଶ ପାଇବ ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ତାଲିକା

**ସମ୍ବଲପୁର,୨୨।୯ (ସମିସ):** ଯୁକ୍ତ ତିନି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ସମ୍ବଲପୁର ଜିଲ୍ଲାର ଛାତ୍ରଛାତ୍ରୀ ନିଜ ନିଜ କଲେଜରେ ନାମ ଲେଖାଇସାରିଛନ୍ତି। ଏବେ ଅବଶିଷ୍ଟ ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ତାଲିକା ପ୍ରକାଶନକୁ ଅପେକ୍ଷା କରିଥିବା ବେଳେ ଗୁରୁବାର ଦିନ ଏହା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇପାରି ନ ଥିବା ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟକୁ ଅପେକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ୧୮ ତାରିଖ ଶେଷ ଦିନ ରହିଥିବା ବେଳେ ଏହି ତାରିଖ ସୁଦ୍ଧା ଚୟନ ହୋଇଥିବା ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଯୁକ୍ତ ତିନି ପାଇଁ ରହିଥିବା ମୋଟ ସିଟ୍ ମଧ୍ୟରୁ ୪୮ ପ୍ରତିଶତ ସିଟରେ ନାମଲେଖା ସରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନ ବିଭିନ୍ନ କଲେଜକୁ ମିଶାଇ ମୋଟ ୪୭୦୪ ସିଟ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨୫୯ ଛାତ୍ରଛାତ୍ରୀ ନାମ ଲେଖାଇ ସାରିଥିବା ସୂଚନା ମିଳିଛି। ଅବଶିଷ୍ଟ ୫୨ ପ୍ରତିଶତ ସିଟ୍ ପାଇଁ ଗୁରୁବାର ଯୋଗ୍ୟ ତାଲିକା ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଖାଲି ସିଟ୍ ପୂରଣ ପାଇଁ ସରକାର ସ୍ପଟ୍ ଆଡମିଶନ୍ ନିଷ୍ପତ୍ତି ନେଇପାରନ୍ତି।

କରୋନା କଟକଣା ମଧ୍ୟରେ ଆରମ୍ଭ ହୋଇଥିବା ନାମଲେଖା ପ୍ରକ୍ରିୟା ବେଶ ସଫଳତାର ସହ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ନିର୍ଦ୍ଧାରିତ ତାରିଖରେ ଚୟନ ହୋଇଥିବା ଛାତ୍ରଛାତ୍ରୀ କଲେଜରେ ନିଜ ନିଜର ନାମ ଲେଖାଇଛନ୍ତି। ସେପ୍ଟେମ୍ବର ୨୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଚଳିତ ବର୍ଷ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାସ ହାର ଅଧିକ ଥିବା

**ପ୍ରଥମ ପର୍ଯ୍ୟାୟରେ ୨୨୫୯ ସିଟ୍ ପୂରଣ**

ଏବଂ କରୋନା କଟକଣା ସାମାନ୍ୟ କୋହଳ ରହିଥିବାରୁ ନାମଲେଖାକୁ ନେଇ କଲେଜ କର୍ତ୍ତୃପକ୍ଷ ବେଶ ଉତ୍ସାହିତ ଅଛନ୍ତି।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ବାଦଦେଇ ସମ୍ବଲପୁର ଜିଲ୍ଲାରେ ମୋଟ ସରକାରୀ ଓ ଘରୋଇ ଯୁକ୍ତ ତିନି କଲେଜ ସଂଖ୍ୟା ୨୦ ରହିଛି। ସମସ୍ତ କଲେଜକୁ ମିଶାଇ ଜିଲ୍ଲାରେ ମୋଟ ୪୭୦୪ ଯୁକ୍ତ ତିନି ସିଟ୍‌ରେ ନାମଲେଖା ଚାଲିଛି। ସେଥିରୁ କଳାରେ ୨୯୪୪ ସିଟ୍, ବିଜ୍ଞାନରେ ୧୨୧୬ ଓ ବାଣିଜ୍ୟରେ ୫୪୪ ସିଟ୍ ରହିଛି। ଉପରୋକ୍ତ ସିଟ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ଯୋଗ୍ୟ ତାଲିକା ଅନୁସାରେ କଳା ବିଭାଗରେ ୧୭୪୭ ଜଣ, ବିଜ୍ଞାନରେ ୫୬୨ ଜଣ ଓ ବାଣିଜ୍ୟ ବିଭାଗରେ ୨୩୨ ଜଣ ନାମ ଲେଖାଇଛନ୍ତି। ଅବଶିଷ୍ଟ ୨୪୪୫ ସିଟ୍ ଖାଲିପଡ଼ିଛି। ଅବଶିଷ୍ଟ ସିଟ୍ ପାଇଁ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ତାଲିକା ପ୍ରକାଶ ପାଇବ। ଆବେଦନ କରିଥିବା ଅଧିକାଂଶ ଛାତ୍ରଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ୍ୟ ତାଲିକାରେ ସ୍ଥାନ ପାଇବା ନେଇ ଆଶାବାଦୀ ରହିଛନ୍ତି। ସେହିପରି ଏହି ଦୁଇଟି ପ୍ରକ୍ରିୟା ଶେଷ ହେବା ପରେ ବଳକା ସିଟ୍‌ଗୁଡିକ ସ୍ପଟ୍ ନାମଲେଖା ଜରିଆରେ ପୂରଣ କରିପାରନ୍ତି।

ସମ୍ବଲପୁର ଜିଲ୍ଲାରେ ରହିଥିବା ବିଭିନ୍ନ କଲେଜ ମଧ୍ୟରୁ ସରକାରୀ ମହିଳା ମହାବିଦ୍ୟାଳୟ, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ, କୁଚିଣ୍ଡା, ହୀରାକୁଦ, ବୁର୍ଲା କଲେଜ ସମେତ କେତେକ ଘରୋଇ କଲେଜରେ ନାମ ଲେଖାଇବା ପାଇଁ ବେଶ ପ୍ରତିଯୋଗିତା ରହିଥିବା କଟ-ଅଫ୍ ମାର୍କ ତାଲିକାରୁ ଜଣାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଶେଷ ସୁଦ୍ଧା ସରକାରୀ ମହିଳା କଲେଜର ବିଭିନ୍ନ ବିଭାଗର ୧୯୨ ସିଟ୍ ମଧ୍ୟରୁ ୧୦୧ ସିଟ୍ ପୂରଣ ହୋଇଛି। ସେହିପରି ନେତାଜୀ କଲେଜର ୧୯୨ ସିଟ୍ ମଧ୍ୟରୁ ୯୩ ସିଟ୍ ପୂରଣ ହୋଇଥିବା ଜଣାଯାଇଛି। ଅନ୍ୟାନ୍ୟ କଲେଜଗୁଡିକର ମଧ୍ୟ ୫୦ ପ୍ରତିଶତ ପାଖାପାଖି ସିଟ୍ ପୂରଣ ହୋଇଥିବା ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ବିଭାଗରେ ସରକାରୀ ମହିଳା ମହାବିଦ୍ୟାଳୟ ସର୍ବାଧିକ ୯୪.୪୦ ପ୍ରତିଶତ କଟ-ଅଫ୍ ମାର୍କ ପ୍ରକାଶିତ ହୋଇଥିବା ବେଳେ ଦ୍ୱିତୀୟରେ କୁଚିଣ୍ଡା ଡିଗ୍ରୀ କଲେଜ ୭୪.୮୩ ପ୍ରତିଶତ ଓ ତୃତୀୟ ସ୍ଥାନରେ ଏମ୍ସ କଲେଜର କଟ-ଅଫ୍ ମାର୍କ ୭୭.୮୩ ପ୍ରକାଶ ପାଇଥିଲା। ଯୁକ୍ତତିନି କଳାରେ ମଧ୍ୟ ମହିଳା ମହାବିଦ୍ୟାଳୟ ଶ୍ରେଷ୍ଠ ପସନ୍ଦ ରହିଥିଲା। କାରଣ ଏହି କଲେଜର କଟ-ଅଫ ମାର୍କ ସର୍ବାଧିକ ୮୫.୫୦ ପ୍ରତିଶତ, ନେତାଜୀ ସୁବାସ ଚନ୍ଦ୍ର ବୋଷ ଡିଗ୍ରୀ କଲେଜର ୭୭.୮୩ ପ୍ରତିଶତ ଓ କୁଚିଣ୍ଡା ଡିଗ୍ରୀ କଲେଜର ୬୫.୧୭ ପ୍ରତିଶତ ରହିଥିଲା। ସେହିପରି ବାଣିଜ୍ୟ ବିଭାଗରେ ନେତାଜୀ ଡିଗ୍ରୀ କଲେଜରେ ସର୍ବାଧିକ ଆବେଦନକାରୀ ରହିଥିବା କଟ-ଅଫ୍ ମାର୍କ ତାଲିକାରୁ ଜଣାପଡ଼ିଥିଲା। ଏହି କଲେଜର କଟ-ଅଫ୍ ମାର୍କ ସର୍ବାଧିକ ୭୫.୧୭ ପ୍ରତିଶତ ରହିଥିଲା।

## ଶ୍ୟାମ ମେଟାଲିକ୍ସରେ ଶ୍ରମିକଙ୍କ ମୃତ୍ୟୁ

**ରେଙ୍ଗାଲି,୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ୯ଟାରେ ଏହି ଅଘଟଣ ଘଟିଛି। ମୃତକ ହେଲେ ରେଙ୍ଗାଲି କାତରବଗା ଗ୍ରାମର ରଞ୍ଜନ ବିଶ୍ୱାଳ (୨୨)।

## ଗଙ୍ଗାଧର ସାହିତ୍ୟ ପାଠଚକ୍ର



**ଝାରବନ୍ଧ, ୨୨।୯ (ସମିସ):** ଝାରବନ୍ଧ ବ୍ଲକ ଡିଗ୍ରୀ ମହାବିଦ୍ୟାଳୟରେ ଗଙ୍ଗାଧର ସାହିତ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ପୌରୋହିତ୍ୟ କରିଥିଲେ। ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରାରମ୍ଭିକ ସଂଗୀତ ଗାନ ପରେ ଅଧ୍ୟାପକ ସରୋଜ ଶବର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ଛାୟାକାନ୍ତ ସୁଦୟା ପ୍ରଧାନ, ଖ୍ୟାତିମୟ ତ୍ରିପାଠୀ, ଗଗନ ବିହାରୀ ଡନସନା,ଅଧ୍ୟାପିକା ଗୀତାଞ୍ଜଳୀ ଗୁରୁ, ସୁରେଶ୍ୱରୀ ପାଣ୍ଡେ, ଅଲେଖ ସଗରିଆ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କୃତୀ ଉପସ୍ଥାପନା କରିଥିଲେ। ଅଧ୍ୟାପକ ପ୍ରଦୀପ ଦୁଆନ, ସାର୍ତ୍ତିକ ସାହୁ, ଅଧ୍ୟାପିକା ଝରଣା ପ୍ରଧାନ, ଅଧ୍ୟାପକ ଡ.ରଶ୍ମିରଞ୍ଜନ ମହାନ୍ତି ଗଙ୍ଗାଧର ସାହିତ୍ୟର ସମୀକ୍ଷା କରିଥିଲେ। ଅଧ୍ୟାପିକା ଯାଜ୍ଞସେନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ବିକ୍ଷୋଭ



**କୁଚିଣ୍ଡା,୨୨।୯ (ସମିସ):** ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୧୭ ଦଫା ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରିବାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆଇସିଡିଏସ କାର୍ଯ୍ୟଳୟକୁ ଶୋଭାଯାତ୍ରାରେ ଯାଇ ସିଡିପିଓଙ୍କୁ ମଧ୍ୟ ଶିକ୍ଷା ନୀତିରେ ସଂଶୋଧନ, କର୍ମୀଙ୍କ ଚାକିରି ସର୍ତ୍ତାବଳୀ, ପ୍ରାଥମିକ ଶିକ୍ଷକ ମାନ୍ୟତା ଓ ସେହି ହିସାବରେ ଦରମା ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି। ସଂଘର ଆବାହକ ପ୍ରଶାନ୍ତ ପାତ୍ରୀ, କୁଚିଣ୍ଡା ବ୍ଲକ ସଭାନେତ୍ରୀ ଦୁସିଲା ଧୁରୁଆ, ସମ୍ପାଦକ ସେରେନ୍ଦ୍ରୀ ମହାନନ୍ଦ, ଗୋମତୀ କାଲୋ, ଶାନ୍ତିଲତା ପଟେଲ, କୁନ୍ତୀ ଦେଇ ପ୍ରମୁଖ ସାମିଲ ଥିଲେ।

## ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର




**ବ୍ରଜରାଜନଗର,୨୨।୯ (ସମିସ):** ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ଦ୍ୱାରା ଆଜି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବ୍ରଜରାଜନଗର ଗୁରୁନାନକ ଛକଠାରୁ ଚାନ୍ଦନି ଛକ ପର୍ଯ୍ୟନ୍ତ ରୋଡର ଉନ୍ନତି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ବ୍ୟତୀତ ଖଲିଆକାନି ଆଦିବାସୀ ଯୁବକ ସଂଘଠାରେ ୮ ଲକ୍ଷ ଟଙ୍କାର ମଣ୍ଡପ, ଖଲିଆକାନି ମେନ୍ ରୋଡରୁ କରୁଣାକର ବନ୍ଧ ପର୍ଯ୍ୟନ୍ତ ୧୦ଲକ୍ଷ, ମିନି ଷ୍ଟାଡିୟମ ପାଇଁ ୨୦ ଲକ୍ଷ, ମେନ୍ ରୋଡରୁ ତପନ ଘର ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କାର ବ୍ୟୟ ବରାଦରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ବାବୁଲାଲ ରୁଙ୍ଗଟା, ପ୍ରସନ୍ନ ଚୌଧୁରୀ, କୁଳମଣୀ ଦାସ, ଶେଷଦେବ ସାହୁ, ପ୍ରବୀଣ ମିଶ୍ର, ନୃପ ତାଣ୍ଡିଆ, ଅଜିତ ପୁରୋହିତ, ମନୋରଞ୍ଜନ ଦାସ, ଅବତାର ସିଂ, ବାବୁଲା ମିଶ୍ର, ପବିତ୍ର ବିଶି ହେମିନ ଦେଓ, ପ୍ରଭାତ ରଞ୍ଜନ ଦାସ, ବାବୁଲୁ ପ୍ରଧାନ, ମଧୁସୂଦନ ପ୍ରଧାନ, ସୁନୀଲ ଭୋଇ, ଭଞ୍ଜ ରାଉତ, ମହେଶ ମୂଳି, ନିତ୍ୟାନନ୍ଦ ସାହୁ ଏବଂ ବିଜୁ ଜନତାଦଳର ସଦସ୍ୟଙ୍କ ସହିତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

**ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ଗଣେଶପାଲିକୁ ହରାଇ ସୁବର୍ଣ୍ଣପାଲି ଚାମ୍ପିଅନ୍

**ଦେବଗଡ଼,୨୨।୯ (ସମିସ):** ତିଲେଇବଣି ବ୍ଲକ ସଡୋ ପଞ୍ଚାୟତ ସଦର ମହକୁମାରେ ୧୬ଟି ଦଳକୁ ନେଇ ଆରମ୍ଭ ହୋଇଥିବା ଧରଣୀଧର ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକର ଗଣେପାଲି ଫୁଟବଲ ଦଳକୁ ପରାସ୍ତ କରି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକର ସୁବର୍ଣ୍ଣପାଲି ଫୁଟବଲ ଦଳ ଚାମ୍ପିଅନ ହୋଇଛି। ରେଫରୀ ଭାବେ ପ୍ରଶାନ୍ତ ଭୋଇ, ପଦ୍ମଚରଣ ଗୁରୁ ଓ ଯଶୋବନ୍ତ ପ୍ରଧାନ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁଦାମ ପ୍ରଧାନ, ବିରଞ୍ଚି ନାରାୟଣ ନନ୍ଦ, ରାଜୁ ମେହେର ଓ ଅଚ୍ୟୁତ ନାୟକ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସରୋଜ ସାହୁ, ପ୍ରମୋଦ ନାୟକ, ବଳଜିତ ସାହୁ, କୌଶିକ ମହାକୁଳ, ସନତ ପଟ୍ଟା, ଗଣେଶ ଦେହୁରୀ, ସନ୍ତୋଷ ପ୍ରଧାନ, ଶ୍ରୀକାନ୍ତ ଭୋଇ, କ୍ଷେତ୍ର ମୋହନ ନାୟକ, ସୁଶାନ୍ତ ଦେହୁରୀ ଓ ସୁମନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଘରଡ଼ିହ, ଆବାସ, ଚାଷଜମି ପ୍ରଦାନ ଦାବି**

# ବିଡିଓ, ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ

**ଦେବଗଡ଼,୨୨।୯ (ସମିସ):** ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକରେ ବସବାସ କରୁଥିବା ଗରିବ, ଭୂମୀହିନ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଓବିସି ବର୍ଗର ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଭୀମସେନା ବହୁଜନ କୃଷକ ମଜଦୁର ମୁକ୍ତିମୋର୍ଚ୍ଚା ପକ୍ଷରୁ ବାରକୋଟ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଭୀମସେନା ବହୁଜନ କୃଷକ ମଜଦୁର ମୁକ୍ତିମୋର୍ଚ୍ଚାର ଦେବଗଡ଼ ଜିଲ୍ଲା ସଭାପତି ଦୋଳଗୋବିନ୍ଦ ନାଏକ, ଉପ ସଭାପତି




ରଘୁନାଥ ପାତ୍ର ଓ ବାରକୋଟ ବ୍ଲକ ସଭାପତି ଅନୁକୂଳ ନାଏକଙ୍କ ନେତୃତ୍ୱରେ ମୁକ୍ତିମୋର୍ଚ୍ଚାର ବହୁ ସଦସ୍ୟ ସଦସ୍ୟା ବାରକୋଟ ବ୍ଲକ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ବ୍ଲକ କର୍ଯ୍ୟାଳୟରେ ହଞ୍ଚିଥିଲେ। ସେଠାରେ ବାସହୀନ ଲୋକଙ୍କୁ ଆବାସ ଗୃହ ପ୍ରଦାନ, ରସ୍ତା ଘାଟର ସୁବିଧା, ବନ୍ଧ ଓ ପୋଖରୀ ଖନନ ସମେତ ବିଶୁଦ୍ଧପାନୀୟଜଳର ସୁବିଧା ଦାବିରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦନ କରିଥିଲେ। ଏହାପରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଭୂମୀହୀନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଓବିସି ବର୍ଗର ଲୋକମାନଙ୍କୁ ଗୃହ ନିର୍ମାଣ ପାଇଁ ୪ ଡେସିମିଲ ଲେଖାଏଁ ଘରଡିହ ପ୍ରଦାନ ଓ ୫ ଏକର ଲେଖାଏଁ ଚାହ ଜମି ଯୋଗାଇ ଦେବା ଦବିରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍‌ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋବର୍ସ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।

### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଶିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।




### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ହ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।




### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।

### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।






# ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍କ ଚୂଡ଼ାମଣି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।




**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

# ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍‌ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

# ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

ଜାତୀୟ ସଫ୍ଟବଲ

**କଟକ,୨୨।୯ (ସମିସ)**

ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ


ପନିର୍: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

# କେଶ ସଫାର ନୂଆ ଟ୍ରେଣ୍ଡ

## ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

### କ'ଣ ଏହା

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

### କିଭଳି କରିବେ

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

### ଉପକାରିତା

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।

# ଏପାଖେ ଯନ୍ତ୍ରଣା, ସେପାଖେ ହସ





**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଚୁଲାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା ! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜୀବିକା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଯିବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

### ନକଲି ହସ ଲାଗେ ସତ

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପନିଷ୍ଟ ଭାବେ କାର୍ଯ୍ୟରତ। ଶାଶୂ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।

### କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମିଳୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

### ସବୁବେଳେ ଖୁସି ରହିବା ସହଜ ନୁହେଁ



ରୋଗୀଟିଏ ଯେଭଳି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଇଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ

ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ଏବେ ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶୀ। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲ୍‌ରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।



ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

# ସେଲିବ୍ରିଟି ସିକ୍ରେଟ୍



ଲୋକପ୍ରିୟ କଣ୍ଠଶିଳ୍ପୀ **ସୋହିନୀ ମିଶ୍ର** ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...

## ଡାଏଟ୍ ଉପରେ ଗୁରୁତ୍ୱ ଦିଏ

**• ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

**• ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

**• ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

**• ମେକ୍‌ଅପ୍ ନେବାକୁ ଭଲ ଲାଗେ?**

ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।

**• ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**

## ଶିକ୍ଷାର ଆଲୋକବର୍ତ୍ତିକା

# ନିଶିତା







ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅକୁ ସରକାରୀ ସ୍କୁଲ ଓ ପୁଅକୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।

ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।




## ସାମସନ୍‌ଙ୍କୁ ୧୨ ଲକ୍ଷ ଜରିମାନା



ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଡାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ଫଂଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ଓ କୋଚ୍ ଡାରେନ କାହିଲଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ଉଭୟ ୬ ବର୍ଷ ଧରି କାମ କରୁଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ୨୯ ବର୍ଷୀୟ ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଜିତ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ତେବେ ଏହି ସିଜିନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ।

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦୁବାଇ, ୨୨।୯ (ଏଜେନ୍ସି)**

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ପୂର୍ବରୁ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟର ପ୍ରଥମ କରୋନା କେସ୍ ସାମ୍ନାକୁ ଆସିଥିଲା। ହାଇଦରାବାଦ୍‌ର ଯୁବ ଦ୍ରୁତ ବୋଲର୍ ଟି. ନଟରାଜନଙ୍କ ରିପୋର୍ଟ କରୋନା ପଜିଟିଭ ବାହାରିଥିଲା। ଏହାସତ୍ତ୍ୱେ ମ୍ୟାଚ୍‌ରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪

### ଆଜିର ମ୍ୟାଚ୍



ସେପ୍ଟେମ୍ବର ୨୩

**ମୁମ୍ବଇ**
ବନାମ
**କୋଲକାତା**

ଭେନ୍ୟୁ-**ଆବୁଧାବି**
ଖେଳ ଆରମ୍ଭ-**ରାତି ୭ଟା ୩୦**
ପ୍ରସାରଣ- **ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
ଷ୍ଟ୍ରିମିଂ- **ଡିସ୍‌ନୀ ହଟ୍‌ଷ୍ଟାର**

ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୧୭.୫ ଓଭରରେ ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରେୟସ ଆୟାର ୪୭ ଓ ପନ୍ତ ୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଥିଲେ। ହାଇଦରାବାଦ ପକ୍ଷରୁ ଖଲିଲ ଅହମ୍ମଦ ଓ ରଦିଦ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ନୋର୍ଜେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ସପ୍ତମ ବିଜୟ ହାସଲ କରି ୧୪ ପଏଣ୍ଟ ସହ ଦିଲ୍ଲୀ ଟେବ୍‌ଲ ତାଲିକାର ଶୀର୍ଷକୁ ଉଠିଛି। ହାଇଦରାବାଦ ଅଷ୍ଟମ ମ୍ୟାଚ୍‌ରୁ ସପ୍ତମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଦୁର୍ଦ୍ଧର୍ଷ ଓପନର୍ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ରିଦ୍ଧିମାନ ଶାହ (୧୮ ରନ, ୧୭ ବଲ୍) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେ ଓ ଅକ୍ଷର ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବ୍‌ଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍ ରନ୍ |
|---|---|---|---|---|---|
| ଦିଲ୍ଲୀ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନଇ | ୮ | ୬ | ୨ | ୧୨ | +୧.୨୨୩ |
| ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବଇ | ୮ | ୪ | ୪ | ୮ | -୦.୦୭୧ |
| ରାଜସ୍ଥାନ | ୮ | ୪ | ୪ | ୮ | -୦.୧୫୪ |
| କୋଲକାତା | ୮ | ୩ | ୫ | ୬ | ୦.୧୧୦ |
| ପଞ୍ଜାବ | ୯ | ୩ | ୬ | ୬ | -୦.୩୪୫ |
| ହାଇଦରାବାଦ | ୮ | ୧ | ୭ | ୨ | -୦.୬୮୯ |

### ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍: ୧୩୪/୯**, ୨୦ ଓଭର (ସାମାଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।
**ଦିଲ୍ଲୀ କ୍ୟାପିଟାଲ୍ସ: ୧୩୯/୨**, ୧୭.୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର- ୪୭*, ପନ୍ତ-୩୫*, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୩୩, ରସିଦ ଖାନ୍-୧/୨୬)।



## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯(ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

## ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସମିସ)**

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି।





ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନିତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 I 9937578179 I 898491095 I 9692675005
Mail: mahavircollegeofnursing@gmail.com I mahavirschoolofnursing@gmail.com
Website: www.mahavircollegeofnursing.org

# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୯ (ସମିସ)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

### ୧୫ ଲକ୍ଷ ପୁରସ୍କାର




ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ସକାଳ THE SAKALA | SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT SAKALA MEDIA PVT. LTD, DENGSARGI, BAREIPALI, SAMBALPUR, ODISHA-768006
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର